RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ଫେବୃଆରୀ ୨୦୧୭
ମୂଲ୍ୟ : ୨୫ ଟଙ୍କା







**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତ ଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦ୍ୱିତୀୟ ବର୍ଷର ଏକାଦଶ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଌ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

বাস্তবতার পরিপ্রকাশ
প্রাচী
Vol.-2, February 2017, Issue No. XI
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପ୍ରଜ୍ଞା ପରିମିତା
ବନଲତା ସିଂହ
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର
ପରିଚାଳନା ସମ୍ପାଦକ :
ମନୋଜ କୁମାର ବିଶ୍ୱାଳ

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

- ମୋହମୁକ୍ତି
  ଆଦିକନ୍ଦ ରାମ ୭
- ରେଳଗାଡ଼ିର ଯାତ୍ରୀ...
  କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ ୧୧
- ତିନି ନିଶାରେ ଲୋକହସା
  ଲୋଚନ ବେହେରା ୧୫
- ପତି ହିଁ ଈଶ୍ୱର ଭାବୁଥିଲା ନାରୀ
  ଶାନ୍ତନୁ କୁମାର ଷଡ଼ଙ୍ଗୀ ୧୮
- ସୁରଭି
  ପ୍ରମିଳା ପ୍ରତାପ ୨୦
- ଭଗବାନ୍ ଭଲ ପାଆନ୍ତି ସେମାନଙ୍କୁ
  ଚୈତନ୍ୟ ପ୍ରସାଦ ପଢ଼ିଆରୀ ୨୪

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................

ଠିକଣା ...................................................... ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................. ତାରିଖ..................................................

ବ୍ୟାଙ୍କ୍........................................ ସ୍ଥାନ..................................................

ତାରିଖ........................................ ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ମୋହମୁକ୍ତି

ଆଦିକନ୍ଦ ରାମ

ଶତ ନିଷିଦ୍ଧ ସତ୍ତ୍ୱେ ଭଲପାଇବାର ଫଲ୍‌ଗୁରେ ନିଜକୁ ଅଭିମନ୍ତ୍ରିତ କରିବାକୁ ପଡ଼େ ସହସ୍ର ଅନ୍ତର୍ଦାହ ପରେ ପୁନର୍ଜନ୍ମ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼େ । ଏକଥା ଏକ ଜଟିଳ ଗଣିତର ସରଳ ସୂତ୍ର ପରି ବୁଝିଥିଲା କୃଷ୍ଣା । ବୁଝିପାରିଥିଲା ମହାଭାରତର ମହାନାୟିକା ସତୀଶ୍ରେଷ୍ଠା ପାଞ୍ଚାଳୀ ପାଞ୍ଚ ପାଞ୍ଚ ଜଣ ଅନିନ୍ଦ୍ୟ ସ୍ୱାମୀ ଥାଉ ଥାଉ କାହିଁକି ଭଲ ପାଉଥିଲେ କୃଷ୍ଣଙ୍କୁ । ଭାଗ ଭାଗ କରି ନିଜକୁ ବାଣ୍ଟିଦେଲାବେଳେ ପଞ୍ଚ ସ୍ୱାମୀଙ୍କ ପାଖରେ ସ୍ୱୟଂ ସମ୍ପୂର୍ଣ୍ଣା ହୋଇପାରୁଥିଲେ କିପରି ବଂଶୀଧରଙ୍କ ପାଖରେ ।

ସେଇଥିପାଇଁ ତ କୃଷ୍ଣା ତା'ର ଆଦର୍ଶ । ନିଜକୁ ସେ କୃଷ୍ଣା ରୂପରେ ସଜାଏ । ସୁନିର୍ବାଚିତ ସୁବାସିତ ଫୁଲ ସହ ଅର୍ବାଚୀନ ବଣୁଆ ଫୁଲକୁ ପେଣ୍ଟି ଫାଣ୍ଟି ମଝିରେ ସୁଗନ୍ଧା ପତ୍ର ଦେଇ ଗୁନ୍ଥେ । ନିଜ ପସନ୍ଦ ଅନୁସାରେ ସଜାଏ ମାଧବଙ୍କୁ ଆଦିବାସୀ ଯୁବକଟିଏ ପରି ମୁଣ୍ଡରେ ମୟୂରଚନ୍ଦ୍ରିକା, ହାତରେ ବଂଶୀଧରାଇ । ବାକିତକ ଫୁଲକୁ ଗୁଡ଼ାଇଦିଏ ନିଜର ଫୁଙ୍ଗୁଳା ବାହୁରେ, ମଣିବନ୍ଧରେ, ପାଦରେ, ପାଉଁଶିଆ ପିଠି ଉପରେ ପଡ଼ିଥିବା କଳାରଙ୍ଗର ବେଣୀରେ ନିମଗଛରେ ଅପରାଜିତା ଡଙ୍କ ଗୁଡ଼ାଇ ହେଲପରି । ଗର୍ଭଗୃହର ଅନ୍ଧାରୀକୋଣରେ ଦୀପଟିଏ ଜାଳିଦେଇ ଅପଲକ ନୟନରେ ମାଧବଙ୍କ ନିଶ୍ଚଳ ଆଖିକୁ ଚାହିଁ ରହେ । ଆଖିରେ ଜମାଟ ବାନ୍ଧିଥିବା ଆକାଙ୍‌କ୍ଷାର ବାଦଲ ତରଳି ଯାଇ ଗାଲ ଛୁଇଁ ଖସିପଡ଼େ ଚଟାଣ ଉପରେ । ଘଣ୍ଟା ଘଣ୍ଟା ବିତିଯାଏ ଅଥଚ ସେ ଗର୍ଭଗୃହରୁ ବାହାରକୁ ଆସେନି ତା'ମନ ବୁଝିବା ପରି ଉତ୍ତରଟେ ମାଧବଙ୍କଠାରୁ ନ ପାଇବା ପର୍ଯ୍ୟନ୍ତ ହଜିଯାଏ ସେ ଭାବାବେଗର ଅଖାଇ ଭଙ୍ଗୀରେ ।

ହେତୁ ପାଇବା ଦିନରୁ କୃଷ୍ଣା ଭଲପାଇଛି ମାଧବଙ୍କୁ । ମନ୍ଦିର ପଛ ମହୁଲ, ଶାଳ, ପିଆଶାଳ, ଶାଗୁଆନର ଘଞ୍ଚ ଅରଣ୍ୟକୁ, ସଦର୍ପରେ ଆକାଶର ମଥାନ ଛୁଇଁବାକୁ ଚେଷ୍ଟା କରୁଥିବା କୁଞ୍ଚୁକୁଞ୍ଚିଆ ପାହାଡ଼ମାନଙ୍କୁ, ସରୁ ଅଙ୍କାବଙ୍କା ପାଦଚଲା ଧୂଳି ରାସ୍ତାକୁ, ଅନତିଦୂରରେ କାୟା ମେଲିଥିବା ବାବାଙ୍କର ସ୍ୱପ୍ନ ଆର୍ଯ୍ୟସଂସ୍କୃତି ଉତ୍‌ଥାନ ବିଦ୍ୟାଳୟକୁ, ସ୍ୱଚ୍ଛ ପାଣିର ସମ୍ଭାର ଦେଇ ବହିଯାଉଥିବା ଚିରସ୍ରୋତା ସାରିଆ ନଦୀକୁ ଆଉ ପାର୍ଥକୁ । ସେମାନେ ତା' ସୁଖଦୁଃଖରେ ସମାନ ଭାଗ ବସାନ୍ତି ।

ଆଉ କେତୋଟି ହତଭାଗିନୀଙ୍କ ପରି ସେ ବି ନିଜର ବାପାମା'ଙ୍କୁ ଦେଖି ନ ଥିଲା । ସାଂପ୍ରଦାୟିକ ଦଙ୍ଗାରେ ଆଖି ବୁଜିଦେଇଥିଲେ ସେମାନେ । ବାବାଙ୍କ କୋଳଥିଲା ତା'ପାଇଁ ବାଇଚଢ଼େଇର ବସା । ଭୟରେ କୁଙ୍କୁରି କାଙ୍କୁରି ଗଲାବେଳେ ମା'ଚଢ଼େଇର ନରମ ପର ତଳର ଗରମ ପାଇ ସଙ୍କୁଡ଼ି ଯାଇଛି ସେ ବାବାଙ୍କ ଛାତିରେ ।

ସହର ମନ୍ଦିରଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ । ଯଜ୍ଞ ହୋମର ପବିତ୍ର ଧୂନିଧୂଆଁ ମଧ୍ୟରେ କିପରି ଏକ ପବିତ୍ର, ସଂଯମ, ଶୁଦ୍ଧ ତଥା ଆଦର୍ଶ ଗାର୍ହସ୍ଥ୍ୟ ଜୀବନ ଅତିବାହିତ କରିବାକୁ ହେବ ତାହା ଏଠାରେ ଶିକ୍ଷା ଦିଆଯାଉଥିଲା । ମନ୍ଦିର ତଥା ବିଦ୍ୟାଳୟର ପ୍ରତିଷ୍ଠାତା ଥିଲେ ପାର୍ଥଙ୍କର ବାପା ଆଉ ମାଆ ।

ପାର୍ଥଙ୍କର ବାପା ଶକ୍ତିପ୍ରସନ୍ନ ମିଶ୍ର କନ୍ଧମାଳ ଜିଲ୍ଲାର ଜିଲ୍ଲାପାଳ ଓ ମାଆ କୁନ୍ତୀଦେବୀ ମହିଳା ସମିତିର ସଭ୍ୟା । ଦୁଇଜଣଯାକ ସମାଜସେବାରେ ଏତେ ବ୍ୟସ୍ତ ରହୁଥିଲେ ଯେ ସେମାନଙ୍କ ପାଖରେ ସମୟ ନଥିଲା ପାର୍ଥ କଥା ବୁଝିବା ପାଇଁ । କୃଷ୍ଣା ଦୁର୍ଘଟଣାରେ ବାପା ମା'ଙ୍କୁ ହରାଇ ଅନାଥ ହୋଇଯାଇଥିଲା । ହେଲେ ବାବାଙ୍କର ଭଲପାଇବା ଏମାନଙ୍କର ସବୁକିଛି ଦୁଃଖକୁ ଭୁଲାଇ ଦେଇଥିଲା ।

ଏବେବି ମନେପଡୁଛି କୃଷ୍ଣାର, ସାଥୀହୋଇ ସେମାନେ ଧୂଳିଘର କରି ଖେଳିଛନ୍ତି । ସାଥି ହୋଇ ପ୍ରଜାପତି ଧରିଛନ୍ତି, ସାଥିହୋଇ ପାଠ ପଢ଼ିଛନ୍ତି, ମାଧବଙ୍କ ପୂଜା ପାଇଁ ଫୁଲଫଳ ତୋଳିଛନ୍ତି, ନଦୀରୁ ପାଣି ଆଣିଛନ୍ତି, ପ୍ରତିଟି

ସୁଖଦୁଃଖକୁ ସମାନ ବାଣ୍ଟି ନେଇଛନ୍ତି । ପିଲାଦିନର ଅତି ମୂଲ୍ୟବାନ ଦଶଟି ବର୍ଷ କୃଷ୍ଣା କାଟିଛି ପାର୍ଥ ସହିତ । ଶକ୍ତିପ୍ରସନ୍ନ ବାବୁଙ୍କର ଖୋର୍ଦ୍ଧା ବଦଳି ହିଁ କାଟି ଦେଇଥିଲା ଦୁଇଟି ନିରୀହ ପ୍ରଜାପତିଙ୍କର କଅଁଳିଆ ଡେଣାଗୁଡ଼ିକୁ । ଧୂଳି ଉଡ଼େଇ ପାର୍ଥକୁ ଧଳା ମୋଟରକାର ଭିତରେ ନେଇଯିବାବେଳେ ଶକ୍ତିବାବୁ ଓ କୁନ୍ତୀଦେବୀ ନେଇଯାଇଥିଲେ କୃଷ୍ଣା ଓଠରେ ଲାଗିଥିବା ହସଟିକକ ନୀଳକାଚ ଭିତରେ ବନ୍ଦୀକରି । ପ୍ରତିଜ୍ଞା କଲାପରି ତା'ପରଠାରୁ ସେ କେବେବି ହସିନି । ସବୁଯାକ ଦୁର୍ଦ୍ଦିନ ଏକାସାଙ୍ଗରେ ପଶିଆସିଥିଲେ ତା'ଅଗଣାକୁ । ବାବାଙ୍କର ସ୍ୱର୍ଗବାସ ହୋଇଗଲା, ବିଦ୍ୟାଳୟ ମଧ ଭୁଶୁଡ଼ିଗଲା । ନିଃସଙ୍ଗ ଦ୍ୱୀପର ନାୟିକା ପରି ସେ ଯାହା ଅପେକ୍ଷା କରିଛି ପାର୍ଥର ଫେରିବା ବାଟକୁ ।

ଅନେକଥର ସେ ପାର୍ଥ...... ପାର୍ଥ... ବୋଲି ଡାକ ଛାଡ଼ିଛି । ପ୍ରତିଧ୍ୱନିତ ହୋଇ ଫେରିଆସେ ସେ ଫିଙ୍ଗିଥିବା ଶବ୍ଦ କେତୋଟି ଜ୍ୟାମିତିକ ପ୍ରଗତିର ବହୁଗୁଣିତ ହୋଇ ନୂତନ ଜ୍ଞାନକୌଶଳରେ ନିର୍ମିତ ବୁମେରାଂ ପରି ପରସ୍ତ ପରସ୍ତ କରି ତା'ଛାତିର ପଲସ୍ତରା ଖସେଇବାକୁ ।

ସେଦିନ ଥାଏ ପଣ୍ଡୁ ପୂର୍ଣ୍ଣିମା । ଆଳତୀ ସମୟ । ସବୁଦିନ ପରି ଆଜି ବି ସେ ପ୍ରାର୍ଥନା କରୁଛି । ହୃଦୟର ସମସ୍ତ ନିର୍ଯ୍ୟାସ ଅଜାଡ଼ି ଦେଇ ଅତି ଆକୁଳ ପ୍ରାଣରେ ଗାଇଚାଲିଛି କୃଷ୍ଣା ଭଜନଟିଏ ମୁରଲୀଙ୍କ ଉଦ୍ଦେଶ୍ୟରେ । ତା'ର ଏହି ବିହ୍ୱଳିତ ଆତ୍ମସଙ୍ଗୀତ ସ୍ୱର୍ଶକରେ ମନ୍ଦିର ଚାରିପାଖର ଜୀବଜନ୍ତୁ, କୀଟପତଙ୍ଗ, ବୃକ୍ଷଲତା, ପାହାଡ଼ ଝରଣା, ଗର୍ଭଗୃହରେ ବିରାଜମାନ ଛନ୍ଦାଚରଣଙ୍କୁ । ସମସ୍ତେ ପ୍ରତୀକ୍ଷିତ ମନରେ ଚାହିଁଥାନ୍ତି ଏଇ ମୁହୂର୍ତ୍ତିଟିକୁ । ସ୍ଥାବର ଜଙ୍ଗମ ନିଜର କାୟା ପରିତ୍ୟାଗ କରି ଏକାକାର ହୋଇଯାନ୍ତି ଅଣାକାର ବ୍ରହ୍ମ ସହ ସେଇ କେତୋଟି ମୁହୂର୍ତ୍ତ ପାଇଁ । ପ୍ରାର୍ଥନାର ପ୍ରତିଟି ଶବ୍ଦ ସହ ସେ ହୃଦ୍‌କମ୍ପନ ଅନୁଭବ କରୁଥିଲା । ତାକୁ ଲାଗୁଥିଲା ସତେଯେପରି ପାର୍ଥ ତା'ର ସଙ୍ଗୀତରେ ଆତ୍ମହରା ହୋଇ ଧୀରମନ୍ଥର ଗତିରେ ଉଠିଆସୁଛନ୍ତି ଗୋଟାଏ ପରେ ଗୋଟାଏ ପାହାଚ ।

ସୂର୍ଯ୍ୟର ପ୍ରଥମ କିରଣ କମଳିନୀକୁ ଛୁଇଁବାର ଯଥେଷ୍ଟ ପୂର୍ବରୁ ତା'ର ପ୍ରତିଟି ପାଖୁଡ଼ାରେ ଆବେଗ ସବୁ ଜମାଟ ବାନ୍ଧି ଅସ୍ଥିର କରି ପକାଉଥିଲେ କୃଷ୍ଣାକୁ ।

କାହାର ସ୍ଥିର ପଦକ୍ଷେପରେ ତା'ର ହୃଦୟ ସରୋବରରେ ଶହ ଶହ ଢେଉ ବୃତ୍ତାକାରରେ ମିଶିଯାଇଥିଲେ ହୃତ୍‌ପିଣ୍ଡର ମାଂସଳ ହୁଡ଼ାରେ । ଆଶା ଆଶଙ୍କାରେ ମାନସବୁ ମୁଣ୍ଡଟେକି ପୁଣି ପାଣିରେ ବୁଡ଼ିଯାଉଥିଲେ । ସମର୍ପିତ ପଦ୍ମଗନ୍ଧାରେ ବିହ୍ୱଳିତା କୃଷ୍ଣା ଧୀରେ ଧୀରେ ଆଖି ଖୋଲିଲା ।

ଏ କ'ଣ ସେ କାହାକୁ ଦେଖୁଛି ! ବିଗ୍ରହରୁ ବାହାରି ମାଧବ ସ୍ୱରୂପରେ ଠିଆ ହୋଇନାହାନ୍ତି ତ ! କୋମଳ ଶ୍ୟାମଳରଙ୍ଗର ସୁଗଠିତ ଅବୟବ । ଓଠରେ ଲାଗିରହିଥିଲା ତାଙ୍କର ଚେନାଏ ସ୍ମିତହାସ୍ୟ । ଆଖିରେ ଅନ୍ତର୍ଭେଦୀ ଚାହାଣି । ଖନ ଖନ ସ୍ୱରରେ ତା' ପାଟିରୁ ବାହାରିଗଲା....... ପାର୍ଥ.... ।

ପିଲାଦିନେ ତା' କାନଫାସିଆ ବାଜି ପାର୍ଥଙ୍କର ଆଖି ତଳ ଖଣ୍ଡିଆ ହୋଇଯାଇଥିଲା । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଚେହେରା, ସ୍ୱର ସବୁଥିରେ ପରିବର୍ତ୍ତନ ହୋଇଛି ତାଙ୍କର ମାତ୍ର ଆଖିତଳେ ଥିବା ସେ କଟା ଦାଗଟା ସେମିତି ଅଛି । ଥୀର ଥବିର ପାର୍ଥବୀର ଧନୁର୍ଦ୍ଧର ଦୀତିକୃଷ୍ଣ ମିଶ୍ର । ଡାକ ନାମ ପାର୍ଥ । ଅନେକ ଦିନ ହେଲା ସେ ଦେଖିନାହିଁ ପାର୍ଥକୁ । ଏଇ କେତେଟା ଦିନରେ ଧୂଳିଘର କରି ଝଗଡ଼ା କରୁଥିବା ପାର୍ଥ ଯେ ଏତେ ସୁନ୍ଦର ଦେଖାଯାଉଥିବ ସେ କେବେବି ଭାବି ପାରୁ ନଥିଲା । ଅନେକଥର ସେ ସ୍ୱପ୍ନରେ ଦେଖିଛି ହେଲେ ଉଚ୍ଚତା, ରଙ୍ଗ ଠିକ୍ ସେ ଦେଖିପାରିନି । ଭଲକି କଥା ବି ପଦେ ହୋଇପାରିନି । ପାଟି ଖୋଲିବା ଆଗରୁ କେଉଁଆଡ଼େ ଅଦୃଶ୍ୟ ହୋଇଯାଆନ୍ତି ସେ ରହସ୍ୟମୟୀ ପୁରୁଷ ପରି । ମନେପଡ଼ିଯାଉଛି ବାବା ଆଖି ବୁଜିବାବେଳେ କହିଯାଇଥିବା କଥା ପଦିକ "ପାର୍ଥ ତୋ ପାଇଁ ଉପଯୁକ୍ତ ! ତା ମା' ମାଧବଙ୍କୁ ସାକ୍ଷୀ ରଖି କଥା ଦେଇଥିଲେ ତୋତେ ବୋହୂ କରି ନେବାପାଇଁ ।

ସତେ କ'ଣ ପାର୍ଥକୁ ଆପଣେଇ ନେବ ! ପିଲାଦିନର ଧୂଳିଘର ସାଥି ସତେ କ'ଣ ତା'ର ଜୀବନସାଥୀ ହୋଇପାରିବ !

ଏତେଦିନର ତପସ୍ୟା ତା'ର ଫଳବତୀ ହେବ । ପାର୍ଥକୁ ଆଜି ସେ ପାଖରେ ପାଇଛି । ନିଜ ସ୍ୱପ୍ନର ମଣିଷ,

ମନର ମିଶିଷ । ଛିଣ୍ଡିଗଲା ତା'ର ପ୍ରତୀକ୍ଷାର ଘୁଙ୍ଗୁର । ହଜିଗଲା ତା'ର ଧୈର୍ଯ୍ୟ ସଂଯମତାର ସବୁ ସୁରତାଳ । ତୁମ ପାଇଁ ସମର୍ପିତା କହି ଘୂରୁଥିଲା କୃଷ୍ଣା ପାର୍ଥ ଚାରିପାଖେ ଜୀବନ୍ତ ପୃଥିବୀ ନିର୍ବାକ୍ ସୂର୍ଯ୍ୟ ଚାରିପଟେ ପରିକ୍ରମଣ କଲାପରି । ସମତାଳରେ ଚଟାଣରେ ଘୁଷୁରି ଘୁଷୁରି ବୁଲୁଥିଲା ତା'ର ପାଞ୍ଚ ହାତ ଲମ୍ବର ଓହଳା ପଣତ । ବାନ୍ଧି ହୋଇଗଲା ସେ ପଦ୍ମପତ୍ର ପରି ଓସାରିଆ ପାର୍ଥଙ୍କର ଆଖି ଦୁଇଟିରେ । ଆଖିରେ ଆଖିରେ ପଚାରିନେଲା ସେ ଅନେକ ପ୍ରଶ୍ନ ।

ଏତେଦିନଯାଏ ତୁମେ କେଉଁଠି ଥିଲ ପାର୍ଥ ? ଥରୁଟିଏ କ'ଣ ତୁମର ଇଚ୍ଛା ହୋଇନି କୃଷ୍ଣାକୁ ଆଖି ପୂରେଇ ଦେଖିନେବା ପାଇଁ ? ତୁମେ ତ ସମୁଦ୍ର ପରି ଗଭୀର, ଉଦାର ହେଲେ ବାରମ୍ବାର କାହିଁକି ମୋତେ ଫିଙ୍ଗିଦେଇଛ ନିରସ ବେଳା ଉପରକୁ ଝୁରି ଝୁରି ମରିବା ପାଇଁ ? ତୁମେ କ'ଣ ସତରେ ଆସିଛ ! କୃଷ୍ଣାର ମନ ମନ୍ଦିରରେ ଚିରବନ୍ଦୀ ହୋଇ ରହିବା ପାଇଁ, ଯିବା ପାଇଁ ନୁହେଁ ? ମୋତେ ଗ୍ରହଣ କରିବ ତ ପାର୍ଥ !

ଭଲପାଇବା କୌଣସି ଭାଷା ଖୋଜି ନ ଥାଏ । ନୀରବତା ହିଁ ଭଲପାଇବାର ଶ୍ରେଷ୍ଠ ଭାଷା । ନୀରବରେ ହିଁ ସୂର୍ଯ୍ୟ ତା' ପ୍ରେମର ଧାରା ବର୍ଷି ଚାଲିଛି ଅନବରତ ପୃଥିବୀ ଉପରେ । ନଦୀ, ପର୍ବତ, ବୃକ୍ଷ, ଲତା, ଫୁଲ ଏମାନେ ତ କଥା ହୁଅନ୍ତି ନାହିଁ, ହେଲେ ଅଫୁରନ୍ତ ଭଲପାଇବାରେ ଖୁନ୍ଦିଖାନ୍ଦି ହୋଇଥାନ୍ତି । ସେ ବି ଆଜି ପାଟି ଫିଟାଇବ ନାହିଁ । ପାଟି ଖୋଲିଲେ କାଳେ ସେ ଅଦୃଶ୍ୟ ହୋଇଯିବେ ସ୍ୱପ୍ନରେ ହଜିଗଲା ପରି । ସହରର ପ୍ରଦୂଷିତ ଧୂଳିଧୂଆଁ ପାର୍ଥକୁ ପ୍ରଦୂଷିତ କରିପାରିନି ବୋଧହୁଏ, ନ ହେଲେ ସେ କ'ଣ ଏତେ କଷ୍ଟକରି ଆସିଥାନ୍ତେ ଏ ପାହାଡ଼ୀ ଇଲାକାକୁ ।

ପାର୍ଥ ଆଜି ତା'ର ଅତିଥି । ଯଥାସାଧ୍ୟ ପ୍ରୟାସ କରି ସେ ପାର୍ଥଙ୍କର ସେବା କରିବ । ତା' ତମାମ ଜୀବନର ପୁଣ୍ୟକୁ ଏକାଠି କରି । ବିଶ୍ରାମର ବ୍ୟବସ୍ଥା କରି ତରତର ହୋଇ ପଶିଗଲା ରୋଷଶାଳାକୁ । ଆଜିର ସନ୍ଧ୍ୟାଟି ଥିଲା ଖାସ୍ ତା' ପାଇଁ । ନିଜ ହାତରେ ଅନ୍ନ ପାକ କଲା । ସବୁତକ ମମତାକୁ ଫେଣ୍ଟାଫେଣ୍ଟି ବାଟିବୁଟି ପରଷି ଦେବ ସେ ପାର୍ଥକୁ । ସିଦ୍ଧ କରିଦେବ ତା'ର ସବୁତକ ସ୍ମୃତି ବିସ୍ମୃତିକୁ । ଗରମ ନିଆଁରେ ସୋରିଷ ସବୁ ଅଧୈର୍ଯ୍ୟ ହୋଇ ଟୁକ୍‌ଟାକ୍ ଡେଇଁବାପରି ଉଷ୍ଣ ରକ୍ତର ଉତ୍ତାପରେ ଅଧୈର୍ଯ୍ୟ ହୋଇ ଟୁକ୍‌ଟାକ୍ ଡେଉଁଥିଲେ ତା'ର ସାୟୁ ସବୁ ପାର୍ଥ ସ୍ନାୟୁର ଉତ୍ତାପ ଶୋଷିବାକୁ ।

ପ୍ରସାଦ ଲଗାଇ କୃଷ୍ଣା ବାଢ଼ି ଦେଇଥିଲା କଞ୍ଚା ମଞ୍ଜା କଦଳୀ ପତ୍ରରେ ତା'ର ସିଦ୍ଧ ପ୍ରୀତିକୁ ଦଗ୍ଧକରି ପାର୍ଥର ଶିରାପ୍ରଶିରାରେ ମିଶିବା ପାଇଁ । କୃଷ୍ଣା କିଛି କହିବା ପୂର୍ବରୁ ପାର୍ଥ କହି ବସିଥିଲେ "କୃଷ୍ଣା, ମୁଁ ଜାଣେ ବାବା ଯିବାପରେ ତୁମେ ଏକୁଟିଆ ହୋଇଯାଇଛ । ସାଂପ୍ରଦାୟିକ ଦଙ୍ଗା ଯୋଗୁଁ ଆମେ ଅସିପାରିନଥିଲୁ । ବାବାଙ୍କର ଅନ୍ତିମ କ୍ରିୟାରେ କେହି ଯୋଗଦେଇ ପାରିନଥିଲୁ । ତୁମେ ଯେଉଁ ଆଶୀର୍ବାଦ ଫୁଲ ପଠାଇଥିଲ ମୁଁ ପାଇଛି । ମୁଁ ଏବେ ଆଇ.ଏ.ଏସ୍. ଟପର ହୋଇଛି । ସାତଦିନ ତଳେ ଟ୍ରେନିଂ ସରିଲା ଆଉ ଅଳ୍ପଦିନ ପରେ ପୋଷ୍ଟିଂ । ମୋ ବିଭାଘର ମଧ୍ୟ ସରିଯାଇଛି । ଏତେଶୀଘ୍ର ହେଲା ଯେ, ତୁମକୁ ନିମନ୍ତ୍ରଣ କାର୍ଡଟିଏ ପଠାଇ ପାରିଲି ନାହିଁ । ଅର୍ଥମନ୍ତ୍ରୀଙ୍କର ଝିଅ ଶୋଭା ମୋର ସ୍ତ୍ରୀ । ମୋର ମଧ୍ୟ ଝିଅଟିଏ ହୋଇଛି । ତୁମକୁ ସବୁଦିନ ମନେରଖିବାକୁ ତ'ାର ନାମ କୃଷ୍ଣା ରଖିଛି । କେବେ ସମୟ ହେଲେ ସପତ୍ନୀକ ବୁଲିଆସିବୁ । ଝିଅଟିର ଜନ୍ମବାର୍ଷିକ ପାଇଁ ଆଶୀର୍ବାଦ ପୁଷ୍ପ ନେବାକୁ ଆସିଛି । ବାହାଘର ବଉଳପାଟଟା ଜଣେ ବ୍ରହ୍ମଚାରିଣୀଙ୍କୁ ଦାନ କଲେ ବିବାହିତ ଜୀବନ ସୁଖମୟ ହୁଏ । ସେଥିପାଇଁ ଶୋଭା ଏଟା ଦେଇଛନ୍ତି । ହ୍ୱାଟ୍ ଏ ନାଷ୍ଟି ଆଇଡିଆ ! ମୁଁ ଏସବୁ ପସନ୍ଦ କରେନି । ବାଧକରି ମତେ ପଠେଇଦେଇଛନ୍ତି ଏଠାକୁ । ମୁଁ ଯଦି ପରିଶ୍ରମ କରିନଥାନ୍ତି ତା'ହେଲେ କ'ଣ ଆଜି ଏତେ ଉଚ୍ଚ ପଦବୀ ପାଇପାରିଥାନ୍ତି । ଜିଆ ଆଉ ମହୁମାଛି ଭିତରେ ଫରକ ବାରି ଶିଖ କୃଷ୍ଣା । ମୁଁ ଖୁବ୍ ଶ୍ରୀଘ୍ର ଚାଲିଯିବି । ମୋର ଆଉ ସମୟ ନାହିଁ । ଆଖି ଆଗରେ ଯଦି କେହି ଭଲ ପାତ୍ର ଥାଆନ୍ତି ତେବେ ଜୀବନସାଥୀ କରିନେବ । ବଞ୍ଚିବାକୁ, ସୁଖଦୁଃଖ ବାଣ୍ଟିବାକୁ ତ ସାଥିଟିଏ ଦରକାର । ଖବରଦେଲେ ଆମେ ସପରିବାରେ ନିଶ୍ଚୟ ଆସିବୁ । ମନ୍ଦିରର ଦାୟିତ୍ୱ ଏନ୍.ଜି.ଓକୁ ଦେଇଦେବୁ । ତୁମେ ଅବିବାହିତ ରହିଲେ ମୋ' ଦେହରେ କଳଙ୍କ ଲାଗିବ । କିଛି ଭାବିବା ଆଗରୁ ପାର୍ଥଙ୍କର ଲମ୍ବା କଳଛାଇଟା ଗୋଟାପଣେ ଘୋଡ଼ାଇ ପକାଇଥିଲା କୃଷ୍ଣାର ପାତଳ ଅସହାୟ ଅବୟବଟାକୁ । କ୍ଷଣିକ ପାଇଁ ନିସ୍ତବ୍ଧ

ହୋଇଯାଇଥିଲା ତା' ଚାରିପଟର ସଜୀବ ପ୍ରାଣସବୁ । ଜୀବନକୁ ଭରସା ନଥିବା ଲୋକଟିର ଶେଷୋକ୍ତି ପରି କହିପକାଇଥିଲା ସେ "ପାର୍ଥ, ସବୁଦିନେ ତୁମେ ମୋର ସେଇ କଳ୍ପିତ ପାର୍ଥ ହୋଇଥାଅ । ତୁମର ଏ ମହିଷାସୁର ରୂପ ମୋତେ ଦେଖାଅନି । ତୁମେ ଯାହା ଚାହଁ ମୁଁ ଦେବାକୁ ପ୍ରସ୍ତୁତ ମାତ୍ର, ମୋ ବକ୍ଷର ମଝିରେ ଥିବା କଳାଜାଇ ତୁମ ପତନର ନିଶ୍ଚିତ କାରଣ ହେବ ।"

ବହଳିଆ ଅନ୍ଧାର ଭିତରେ ଗଳୁରି ଉଠୁଥିଲା ତା'ର ଦାନ୍ତ, ନଖ, ପଞ୍ଝା ଶୂନ୍ୟରେ ଫୁକାର କରି ମିଳେଇଯାଉଥିଲା କୃଷ୍ଣାର ଖିଆଲ ସୁନେଲି ସ୍ୱପ୍ନସବୁ । ହଠାତ୍ କୃଷ୍ଣାର ଉନ୍ମୁକ୍ତ ବକ୍ଷ ମଝିରେ କଳାଯାଇ ଉପରେ ଦୃଷ୍ଟି ପଡ଼ିଯାଇଥିଲା ପାର୍ଥଙ୍କର । ସଙ୍ଗେ ସଙ୍ଗେ ବାହାରି ଉଠିଥିଲା ତାଙ୍କର ବହୁଦିନ ତଳର ରୋଗଟି । ଯାହା ତାର ଇହକାଳ ପରକାଳର ପତନ ପାଇଁ ଦାୟୀଥିଲା । ଅଦୃଶ୍ୟ ହୋଇଯାଇଥିଲେ ପାର୍ଥ ଦିଗ୍‌ବଳୟର କେଉଁ ଏକ ଅପହଞ୍ଚ କୋଣରେ ଅବାଞ୍ଛିତ ଝଡ଼ର ଦାନବ ପରି । ଝଡ଼ପରର କପୋତୀ ପରି ଗୁମୁରି ଉଠିଥିଲା ସେ ଆଣ୍ଠୁ ସନ୍ଧିରେ ମୁହଁ ଲୁଚାଇ ।

ପୂର୍ଣ୍ଣମୀ ଜହ୍ନଟା କେତେବେଳୁ ଲୁଚିଯାଇଥିଲା ମେଘର କଳା ମସୃଣ ପଣତ ତଳେ । ଛାତି ଭିତରୁ ବାହାରି ଆସୁଥିଲା ତା'ର ହାବୁକା ହାବୁକା କୋହ । କଳା ଛାଇଟା ଅନ୍ତନଳୀରୁ ଗଜାମାରି ମାଡ଼ି ଆସୁଥିଲା ଖପୁରି ଆଡ଼କୁ ।

ଜାଣିପାରୁ ନଥିଲା ସେ ପାଇଛି କି ହରାଇଛି । କାହାକୁ ସେ ଦାୟୀ କରିବ, ପ୍ରକୃତିକୁ ନା ପୁରୁଷକୁ, ନା' ତା'ର ନାରୀ ହୋଇ ଜନ୍ମ ନେବାଟାକୁ । ବାବା ତାଙ୍କର ସାଧମତେ ଲାଳନ ପାଳନ କରିଛନ୍ତି ତାକୁ । ଜୀବନଯାକର ଅନୁଭୂତିକୁ ଅକୁଣ୍ଠିତ ଚିତ୍ତରେ ଅନାସକ୍ତ ଭାବରେ ଅଜାଡ଼ି ଦେଇଛନ୍ତି ନିରୀହା ଚାରାଟି ଉପରେ । ସବୁତକ ଆଲୁଅକୁ ନିଜର ଶକ୍ତିର ରୂପାନ୍ତରିତ କରିବାକୁ । ଜୀବନଶିଳ୍ପୀ ହୋଇ ତାକୁ ଶିଖିନେବାକୁ ହେବ ବଞ୍ଚିବାର କଳାଟିକକ ବାକିତକ ଆୟୁଷକୁ ପାଥେୟ କରି । ଚାହିଁଥିଲେ ସେ ବି ଘୃଣା କରିପାରିବନି ପାର୍ଥଙ୍କୁ କାରଣ ଥରେ ଯଦି ଜଣେ ନାରୀ ହୃଦୟ କାହାକୁ ଦେଇଦିଏ ତେବେ ସିଏ ସଂସାରର ଯେତେ ଘୃଣିତ ବ୍ୟକ୍ତି ହେଲେ ମଧ୍ୟ ସେ ଘୃଣାକରି ପାରେନାହିଁ । ପିଲାଦିନେ ସେମାନେ ବୃନ୍ଦାବତୀଙ୍କ ଆଗରେ ଶପଥ କରିଥିଲେ ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ କେହି କାହାକୁ ଘୃଣା ନ କରିବାକୁ ।

ଏକମୁହାଁ ହୋଇ ଦୌଡ଼ିଲା ତା' ସୁଖଦୁଃଖର ସାଥୀ ଥିବା ସାରିଆ ନଦୀ ଆଡ଼କୁ । ଚଳାଚଳା କରି ପାଣି ଛାଟିଦେଲା ପିଠି, ମୁହଁ, ମୁଣ୍ଡକୁ । ଆଜି ଭଲକରି ଗାଧୋଇବ ସେ । ଘଷି ମାଜି ଧୋଇଦେବ ତା' ଦେହରେ ଜମିଥିବା ଅପସଂସ୍କୃତିର ଧୂଳି ମଇଳାକୁ । ନୂଆକରି ସେ କହି ଶିଖିବ, ଚାଲି ଶିଖିବ, ଦେଖି ଶିଖିବ, ଶୁଣି ଶିଖିବ । ଅପେକ୍ଷା କରିବ ସେ ଆଉ ଏକ ପଣ୍ଡୁପୂର୍ଣ୍ଣମୀ ପର୍ଯ୍ୟନ୍ତ ଆଉ ଏକ ପାର୍ଥର ଆଗମନୀକୁ ସ୍ୱାଗତ ଜଣାଇବାକୁ ।

କ୍ଷୀର ଖାଉଥିବା ଶାବକର ଚଞ୍ଚୁ ସ୍ତନ ଖୋଜିଲା ପରି ତା'ର ବ୍ୟଥିତ ହୃଦୟ ଖୋଜୁଥିଲା ଏକ ଅମୃତର ଉତ୍ସ ବିବର୍ଜିତ ପାହାଚରେ । କେତେ ଯେ ସଁବାଳୁଆ ପ୍ରଜାପତିକୁ ରୂପାନ୍ତରିତ ହେଇ ଉଡ଼ିଯାଉଥିଲେ ପାହାଚ ଆରପଟ ଇଲାକାକୁ ହିସାବ ରଖି ପାରୁନଥିଲା ସେ । ମୋହମୁକ୍ତି ହୋଇଥିଲା ତା'ର ମୋହମୁକ୍ତ । ସେ ପୁନର୍ଜନ୍ମ ନେବାକୁ ଯାଉଥିଲା । ସେ ବୁଝିବାକୁ ଯାଉଥିଲା ମହିଷାକୁ ମାରିବା ପାଇଁ ଶେଷ ଅବଲମ୍ବନ ରୂପେ ଦୁର୍ଗା କାହିଁକି ବିବସ୍ତ୍ରା ହୋଇଥିଲେ । ମୁହାଁଉଥିଲା ସେ ଗର୍ଭଗୃହ ଆଡ଼କୁ ମାଧବଙ୍କ ଆଖି ସହ ଆଖି ମିଳେଇ ପଚାରିବ । କୃଷ୍ଣା ସେଦିନ ଯାହା ପଚାରିଥିଲା । ପଞ୍ଚସ୍ୱାମୀ ହିମାଳୟ ଦେଇ ସ୍ୱର୍ଗ ଯାତ୍ରା କରିବା ସମୟରେ ସବା ପଛରେ ଛାଡ଼ିଦେଇ ଯାଇଥିଲେ ଯେତେବେଳେ କୃଷ୍ଣାକୁ ।

ଫକୀରପୁର, କେନ୍ଦୁଝର

୦୦୦

# ରେଳଗାଡ଼ିର ଯାତ୍ରୀ...

**କବିଅଂଶୁ ନିତ୍ୟାନନ୍ଦ ତ୍ରିପାଠୀ**

ସେତେବେଳକୁ ଦିନ ଦୁଇଟା ସରିକି ହେବ । ପେଁକାଳୀ ବଜାଇ ଛୁକ୍ ଛୁକ୍ ଶବ୍ଦରେ ଗଗନପବନ ଥରାଇ ଦ୍ରୁତଗତିରେ ଅବିଶ୍ରାନ୍ତ ଭାବେ ରେଳଗାଡ଼ିଟା ଅଣନିଶ୍ୱାସୀ ହୋଇ ଧାଇଁଥାଏ ଦୂରରୁ ଦୂରକୁ । ତା'ଗତିଶୀଳତାରେ ସନ୍ତୁଳନ ହରାଇ ବସୁନ୍ଧରାର କଅଁଳ ଛାତି ଦୁଲୁକି ଉଠେ । ଯନ୍ତ୍ର ଦାନବର ସମ୍ମୁଖ ଭାଗରେ ଇଞ୍ଜିନ ମସ୍ତକ ଓ ପଶ୍ଚାତରେ ଲାଗିଥିବା ଶରୀର ରୂପୀ ଡବାଗୁଡ଼ିକ ଦୂରରୁ ବିଶାଳକାୟ ତେଲଗୁଣି ପୋକର ଭ୍ରମ ସୃଷ୍ଟି କରେ । ପ୍ରଚୁର ପରିମାଣର କୋଇଲା ଭକ୍ଷଣ ପରେ, ପେଟଭରି ଜଳପାନ କରି ଭସ୍ ଭସ୍ କଳାଧୂଆଁ ଛାଡ଼ି, ଯେଉଁ ଶାରୀରିକ ଶକ୍ତି ସେ ସଂଗ୍ରହ କରେ, ତାହା ଜନହିତକର କାର୍ଯ୍ୟରେ ବିନିଯୋଗ ହୁଏ । ଅଳସୁଆ ବା ନିକ୍କମା ହୋଇ ବସିରହିବା ଯେପରି ତା' ଜାତକରେ ନାହିଁ । ନିଦାଘ ଗ୍ରୀଷ୍ମର ଟାଇଁ ଟାଇଁ ନିଆଁଝୁଲ ଖରା ତା' ଦେହକୁ ବାଧେନାହିଁ କିମ୍ବା ବର୍ଷା କାକର ଆଦି କିଛି କ୍ଷତି କରିପାରିବେ ନାହିଁ । ବଣଜଙ୍ଗଲ, ପାହାଡ଼-ପର୍ବତ, ମାଳ-ସମତଳ ସବୁ ତା' ପାଇଁ ସମାନ । ରେଳଧାରଣା ଉପରେ ଚକ ପାଦଗୁଡ଼ିକ, ଗଡ଼ିଯାଏ ପବନ ବେଗରେ । ତଥାପି ସମୟ ରଜ୍ଜୁରେ ବନ୍ଧା ତା'ର ତନୁ ମନ । ନିର୍ଦ୍ଦିଷ୍ଟ ସମୟରେ ରହଣି ସ୍ଥଳରେ କିଛିକ୍ଷଣ ଅଟକିଯାଏ । ଜିନିଷପତ୍ର ଓ ଯାତ୍ରୀ ଅବତରଣ ବା ଆରୋହଣ କରନ୍ତି । ସେମାନଙ୍କୁ କୋଳରେ ଧରି ପୁଣି ଅବିଚଳିତ ଭାବରେ ଧାଇଁଯାଏ ଗନ୍ତବ୍ୟ ପଥରେ । ତା' ନିକଟରେ ଦିନରାତି, ସୁଖଦୁଃଖ, ହସକାନ୍ଦ, ଆନନ୍ଦ ନିରାନନ୍ଦ, ମିଳନ ବିଛେଦର ମହତ୍ତ୍ୱ ସମାନ । କେହି ତା'ର ଶତ୍ରୁ ବା ମିତ୍ର ନୁହଁନ୍ତି । କାହା ପ୍ରତି ଆପଣା ପରର ଭେଦଭାବ ନାହିଁ ତା'ଠାରେ । ସେ ଜାଣି ଛି ଯେ, ତା'ର ଅସ୍ତିତ୍ୱ ଥିବା ପର୍ଯ୍ୟନ୍ତ ଜୀବନ୍ତ ଓ ନିର୍ଜୀବ ବସ୍ତୁ ସକଳକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପରିବହନ କରିବା ତା'ର ମୁଖ୍ୟ କାର୍ଯ୍ୟ ଅଟେ । କର୍ମମୟ ଜଗତରେ ତା' କାର୍ଯ୍ୟ ସକଳ ନିଷ୍କାମ । ସତେ ଅବା ସ୍ଥିର ବୁଦ୍ଧିଯୁକ୍ତ ଅଟେ ସେ । ଯନ୍ତ୍ରାଂଶ ବିଗିଡ଼ିଯାଇ ଶରୀର ରୋଗାକ୍ରାନ୍ତ ହେଲେ ତତ୍‌କ୍ଷଣାତ୍ ଯନ୍ତ୍ରୀମାନେ ତା'ର ଆଶୁ ଚିକିତ୍ସା କରନ୍ତି । ଅବସ୍ଥା ଅଧିକ ଜଟିଳ ହେଲେ ତାକୁ ରେଳବାଇ ମରାମତି କେନ୍ଦ୍ର ଚିକିତ୍ସାଳୟରେ ଭର୍ତ୍ତି କରାଯାଏ । ଅବଶ୍ୟ କେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ବା ଅନ୍ୟ କେତେବେଳେ ମଣିଷର ଧର୍ମଘଟ, ସତ୍ୟାଗ୍ରହ ଆଦି ଆନ୍ଦୋଳନ ତା' ଯାତ୍ରାପଥରେ ବାଧକ ସାଜେ । ସେଥିପାଇଁ ଅକସ୍ମାତ୍ ତାକୁ ବିଶ୍ରାମ ନେବାକୁ ପଡ଼େ । ଟିକ୍‌ଟିକ୍ ହୋଇ ଘଣ୍ଟାକଣ୍ଟା ଚାଲେ । ସମୟର ରଥ ଚକ ଗଡ଼େ । ସଞ୍ଜ ନଇଁ ଆସେ । ଆକାଶ ଅଗଣାରେ ତାରାଫୁଲ ଫୁଟେ । ଜହ୍ନରୁ ଝରେ ଶୀତଳ ଜ୍ୟୋତ୍ସ୍ନା ସୁଧା । ପରିବେଶରେ ଶୀତଳତା ଭରେ । ନୀଳସାଗର ଛାତିରେ ଶିହରଣ ଖେଳେ । ଜୁଆର ଉଠେ । ପଶୁପକ୍ଷୀଗଣ ନୀଡ଼କୁ ବାହୁଡ଼ି ଆସନ୍ତି । ସବୁଜିମା ଭରା, ତରୁଲତା ଘେରା, ପାହାଡ଼ ପାଦଦେଶର ଏକ ମନୋରମ ରହଣି ସ୍ଥାନରେ ଶ୍ରମକ୍ଳାନ୍ତି ଲାଘବ ନିମିତ୍ତ ଗାଡ଼ିଟି କିଛିକ୍ଷଣ ଅଟକିଯାଏ, ଦ୍ୱିତୀୟ ଶ୍ରେଣୀ ଶ୍ଲିପର୍ ଡବାର ସ୍ଥିରୀକୃତ ଗୋଟିଏ ସ୍ଥାନରେ ଅଶିତିପର ବୃଦ୍ଧା ଜଣେ ଅର୍ଦ୍ଧଶାୟିତ ଅବସ୍ଥାରେ ବସିଥାନ୍ତି । ଦୁର୍ବଳ ଦେହ, ସାରସ ଧବଳ କେଶରାଶି, ମଳିନ ମୁଖମଣ୍ଡଳ, ଅର୍ଦ୍ଧ ନିମିଳିତ ନୟନ ଯୁଗଳ, ଚିନ୍ତାମଗ୍ନ ମାନସ ନିକଟରେ ବ୍ୟାଗ୍‌ଟିଏ ଥୁଆ ହୋଇଥାଏ । ସରଳ, ନିରୀହ, ନିଷ୍କପଟ, ଗାଉଁଲି ମଣିଷଟି ପରି ଜଣାଯାଉଥାନ୍ତି ସେ । ଏହି ସମୟରେ ଜଣେ ସୌମ୍ୟକାନ୍ତ ସୁଢ଼ଳ ଶରୀର, ଲଣ୍ଡିତ ମସ୍ତକ, ଚିତା ଚୈତନ୍ୟଯୁକ୍ତ, ଗୈରିକବସନଧାରୀ, ପ୍ରୌଢ଼ ସାଧୁ ତାଙ୍କ ସମୀପରେ ଉପସ୍ଥିତ ହୁଅନ୍ତି । କାରଣ ବୃଦ୍ଧାଙ୍କ ନିକଟରେ ତାଙ୍କର ଉପବେଶନ ସ୍ଥାନ ପୂର୍ବରୁ ସ୍ଥିରୀକୃତ ହୋଇସାରିଥାଏ । ସାଧୁଙ୍କ ମୁଖମଣ୍ଡଳ ତେଜୋଦୀପ୍ତ, ସ୍ୱର୍ଗୀୟ ଆଭାରେ ଉଦ୍ଭାଷିତ । ଅଧରକୋଣର ସ୍ମିତହାସ୍ୟ ଛଟାରେ ସତେ ଅବା ଫୁଟି ଉଠେ କୁମୁଦ କମଳ । ଗଭୀର ଜ୍ଞାନୀ, ଉଚ୍ଚଶିକ୍ଷିତ, ମିଷ୍ଟଭାଷୀ, ପ୍ରଶାନ୍ତ ଚିତ୍ତ, ସାନନ୍ଦ ହୃଦୟ ଏକ ବିଶାଳ ବ୍ୟକ୍ତିତ୍ୱ ଅଟନ୍ତି ସେ । ଆଚାର ବ୍ୟବହାର,

ଚାଲିଚଳନ ଶୃଙ୍ଖଳିତ, ପରିମାର୍ଜିତ ଓ ରୁଚିସମ୍ପନ୍ନ ଜୀବନର ଚଲାପଥରେ ସେ ବହୁ ବାସ୍ତବ ଅଭିଜ୍ଞତା ଅର୍ଜନ କରିବା ସହିତ ଆତ୍ମତତ୍ତ୍ୱର ଗୂଢ଼ ରହସ୍ୟକୁ କେତେକାଂଶରେ ଉପଲବ୍ଧି କରିଛନ୍ତି । ସମାଜରେ ସେ ସମ୍ମାନିତ ଓ ସ୍ୱାମୀ ବ୍ରହ୍ମାନନ୍ଦ ରୂପେ ପରିଚିତ ହୁଅନ୍ତି । ବୃଦ୍ଧାଙ୍କ ଉପରେ ଅମୃତ ଦୃଷ୍ଟି ନିକ୍ଷେପ କରି ଆତ୍ମୀୟତାର ସହିତ ସହାସ୍ୟ ବଦନରେ ପୁଚ୍ଛା କରନ୍ତି ସାଧୁ - "ହେ ମାତା, ଆପଣ ବାର୍ଦ୍ଧକ୍ୟର ଅନ୍ତିମ ଚରଣରେ ପାଦ ଥାପିସାରିଥିଲେ ବି, ରେଳଗାଡ଼ିରେ ସାହସର ସହିତ ଏକାକୀ ଯାତ୍ରାକରିପାରୁଛନ୍ତି । ଏହା ଭାରତୀୟ ନାରୀ ସମାଜର ମର୍ଯ୍ୟାଦା ବୃଦ୍ଧି କରୁଛି । କିନ୍ତୁ ମନରେ ଆପଣଙ୍କର ଅନିର୍ବଚନୀୟ ଦୁଃଖ ଯାତନା ଭରି ରହିଥିବା ପରି ଅନୁଭୂତ ହେଉଅଛି । କଥାରେ ଅଛି - "ଦୁଃଖ ବାଣ୍ଟିଲେ ସରେ ଓ ଯାତନା ପ୍ରକାଶ କଲେ ଲାଘବ ହୁଏ । ଆପତ୍ତି ନଥିଲେ ମୋ' ନିକଟରେ ତାହହା ନିଃସଙ୍କୋଚରେ ପ୍ରକାଶ କରନ୍ତୁ 'ଜନନୀ' । ସାଧୁଙ୍କ ମାତା ସମ୍ବୋଧନରେ ବୃଦ୍ଧାଙ୍କ ହୃଦୟତନ୍ତ୍ରୀ ବିଗଳିତ ହୁଏ । ତହିଁରୁ ବାତ୍ସଲ୍ୟ ମମତାର ମନ୍ଦାକିନୀ ଧାରା ନିରବଚ୍ଛିନ୍ନ ଭାବରେ ବହିଚାଲେ । ଲୋତକାପ୍ଲୁତ ନୟନ ଯୁଗଳରେ ସେ ବ୍ରହ୍ମାନନ୍ଦ ରୂପୀ ପୁତ୍ରମୁଖ ଅବଲୋକନ କରି ଉତ୍ତର ଦିଅନ୍ତି - "ହେ ବାବୁ, ତୁମେ ବୋଧହୁଏ ଆଜନ୍ମ ବ୍ରହ୍ମଚାରୀ । ସେଥିପାଇଁ ସଂସାରର ମାୟାମୋହ ଜାଲ ତୁମକୁ ବନ୍ଦୀ କରିପାରି ନାହିଁ । ସଂସାର ଜଞ୍ଜାଳଠାରୁ ତୁମର ଅବସ୍ଥାନ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ତୁମ ଜନ୍ମଦାତା ତଥା ପାଳନ କର୍ତ୍ତା ପିତାମାତାଙ୍କ ଋଣ ତୁମେ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିପାରିଛି କି ନାହିଁ, ତାହା ଅବଶ୍ୟ ମୋତେ ଜଣାନାହିଁ । ତଥାପି ଜଣେ ମାତା ଜୀବନର କରୁଣ କାହାଣୀ ଜାଣିବାକୁ ତୁମ ମନରେ ଆଗ୍ରହ ଥିବାରୁ, କହୁଛି, 'ଶୁଣ' - "ଆଖିରୁ ଲୁହପୋଛି ବୃଦ୍ଧା ଆରମ୍ଭ କରନ୍ତି - ସେତେବେଳକୁ ଭାରତମାତା ହାତ ଗୋଡ଼ରେ ପରାଧୀନତାର ବେଡ଼ି । ଇଂରେଜ ବଣିକ ହାତମୁଠାରେ ଦେଶର ଶାସନ ଡୋରି । ଅଭାବଅନାଟନ ସଦା ଲାଗି ରହିଥାଏ । ବନ୍ୟା, ବାତ୍ୟା, ମରୁଡ଼ି ପରି ପ୍ରାକୃତିକ ବିପର୍ଯ୍ୟୟ ସହି ସହି ସାଧାରଣ ଜନତାର ଛାତି ପଥର ପାଲଟେ । ଦେଶୀୟ ରାଜା ରାଜୁଡ଼ାର ମେରୀ ରାଯ଼ ଅନ୍ଧାରୀ ଶାସନରେ ଜନସାଧାରଣ ତ୍ରାହି ତ୍ରାହି ଚିତ୍କାର କରନ୍ତି । କଷଣ ଶୋଷଣ ଅତ୍ୟାଚାର ଓ ବେଠି ବେଗାରୀର ମାତ୍ରା ବଢ଼େ । ଆହା ପଦ କରିବାକୁ 'ଜୁ' ନ ଥାଏ କାହାର । ଜୀବନରେ ୧୮ଟି ବସନ୍ତର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କଲାପରେ ମୁଁ ସାମାଜିକ ପ୍ରଥା ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇ ପିଛିଳ ସଂସାର ପଥରେ ପାଦ ଥାପେ । ଛନ ଛନ ମନ, ଛଳଛଳ ଯୌବନ, ସାଥିରେ ପ୍ରାଣପ୍ରିୟ ଜୀବନସାଥୀର ପ୍ରଥମ ମିଳନ ମୋତେ ସ୍ୱର୍ଗସୁଖ ପ୍ରଦାନ କରେ । ମୋ ଆଖିରେ ଦୁନିଆ ରଙ୍ଗିନ ଦେଖାଯାଏ । ପାରିବାରିକ ଜୀବନ ସୁଖ ସନ୍ତୋଷରେ ବିତେ । ଗାଆଁର ଆବାଳବୃଦ୍ଧବନିତା, ବଧୂ ରୂପେ ମୋର ଆଚାର ବ୍ୟବହାର, ଚାଲିଚଳନ ଓ କର୍ମ ନିପୁଣତାର ପ୍ରଶଂସାରେ ଶତମୁଖ ହୋଇଉଠନ୍ତି । ଦିନ ଗଡ଼ି ଚାଲେ । ପତିପତ୍ନୀର ପ୍ରୀତି ଯମୁନାରେ ଜୁଆର ଉଠେ । ତନୁ ମନରେ ଶିହରଣ ଖେଳେ । ଆତ୍ମା ସାଥେ ଆତ୍ମାର ମହାମିଳନ ଘଟେ । ବିବାହର ଦୁଇବର୍ଷ ପରେ ଦେବଶିଶୁ ସମ ପୁତ୍ରସନ୍ତାନଟିଏ ମୋ' କୋଳମଣ୍ଡନ କରେ । ଆମେ ଦୁହେଁ ପତିପତ୍ନୀରୁ ପିତାମାତା ହେବାର ସୌଭାଗ୍ୟ ଲାଭ କରୁ । ଉଭୟଙ୍କୁ ପରମ ଆନନ୍ଦ ଦେଇଥିବାରୁ ଶିଶୁଟିର ନାମ ପରମାନନ୍ଦ ରଖାଯାଏ । ସବୁଦିନ ସମାନଯାଏ ନାହିଁ । ଆଲୋକ ପରେ ଅନ୍ଧାର ଆସେ । ସୁଖ ପରେ ଦୁଃଖ ଆସେ । ଏହାତ ନିୟତିର ବିଧାନ ଅଟେ । ସତେଅବା ତାହା ଏକ କାଳରାତ୍ରୀ ଥାଏ । ପ୍ରବଳ ଝଡ଼ ବର୍ଷା ସହିତ ପ୍ରଚଣ୍ଡ ବେଗରେ ବତାସ ପବନ ବହେ । ମୋ ସ୍ୱାମୀ ଗୋସେବା ସାରି ଗୋରୁ ଗୁହାଳରୁ ଘରକୁ ବାହୁଡ଼ି ଆସୁଥାନ୍ତି । ହାଠାତ୍ ଯେପରି ଆରପୁରରୁ ତାଙ୍କୁ ଡାକରା ଆସେ । ମଝି ଦାଣ୍ଡରେ ତାଙ୍କ ଉପରେ ବଜ୍ରପାତ ହୁଏ । ସେହିଠାରେ ସେ ଟଳିପଡ଼ନ୍ତି । ରାତି ପାହିଲାବେଳକୁ ମୁଁ ନିରୂପମା ଦେବୀରୁ ନିରୂପମା ଦିବ୍ୟା ପାଲଟେ । ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବହିଯାଇଥାଏ । ଦାମ୍ପତ୍ୟର କାଚଘର ନିମିଷକେ ଭାଙ୍ଗିରୁଜି ଚୁରମାର୍ ହୋଇଯାଏ । ଶଙ୍ଖାସିନ୍ଦୂର ଉଭେଇଯାଏ । ଶ୍ରୀମତୀ ଅହ୍ୟସୁଲକ୍ଷଣୀ, ନିରିମାଖି ବିଧବାର ରୂପ ନିଏ । ବନ ପୋଡ଼ିଗଲେ ସଭିଏଁ ଜାଣନ୍ତି, ମନ ପୋଡ଼ିଗଲେ ଜାଣିବ ବା କିଏ ? ଦିନ ଗଡ଼ିଚାଲେ । ବୈଧବ୍ୟ ଦୁଃଖଯନ୍ତ୍ରଣା ସହିବା ନିତିଦିନିଆ ଅଭ୍ୟାସରେ ପରିଣତ ହୁଏ । ସେ କଷ୍ଟ କେବଳ ଅନୁଭବୀ ହିଁ ଜାଣିପାରେ । ପରମାନନ୍ଦ ଉପରେ ସକଳ ସ୍ନେହ ମମତା

*Join Now!* *Join Now!!* *Join Now!!!*

# MATRUSHAKTI STUDY POINT

*(A Unit of Innovation, Dedication & Care)*

Nayabazar, Cuttack-4,
Student Care : 9437107857, 9437563030
9776340495, 9861268704
E-mail : matrushakti2009@gmail.com

**Our Salient Features :**

- The teaching is produced by highly experienced faculty members on the latest trend of the BSE.
- Study material prepared by qualified faculty in each subject
- Predict future paper trends with MATRUSHAKTI STUDY POINT **Test Series** every month to give student's practice and more practice.
- Stay informed about latest trends syllabus, new study techniques, time management skills and much more.
- Confidence building exercise with self test.
- Xtra Funda
- Problem Solving desk.
- Reasonable Fees

*Your Success*
*Our Aim*

**For**
**Class V to X,**
**+2 Arts,**
**Sc., Com.**

**Admission**
**Open**
**for +3 Arts**
**(All Subject)**




**Admission going on**

ଉଜାଡ଼ି ଦେଇ ମୁଁ ବଞ୍ଚି ରହେ । ଶିଶୁଟି କିଶୋର ହୁଏ । ତାକୁ ଗ୍ରାମ ବିଦ୍ୟାଳୟରେ ଶିକ୍ଷାଦାନର ବ୍ୟବସ୍ଥା କରେ । ବିଧବା ଜୀବନରେ ଯୌବନ ଭାଗାରି ସାଜେ । କେତେ ଟାହିଟାପରା ସହିବାକୁ ହୁଏ । ଭୋକିଲା ଆଖିଗୁଡ଼ାକ ମୋ' ଲୋଭିଲା ଶରୀର ଉପରେ ପଡ଼େ । ଗାଆଁ ଟାଉଟର, ଦଲାଲ୍, ମାମଲତକାର, ସାହୁକାର, କୁଜିନେତାଗଣ ମୋ' ଇଜ୍ଜତ ସାଥିରେ ଖେଳନ୍ତି । ଶାଗୁଣା ଶବକୁ ଝୁଣି ଖଣ୍ଡବିଖଣ୍ଡିତ କଲାପରି ସେମାନେ ଶରୀରଟାକୁ ଜୋରଜବରଦସ୍ତ ଝୁଣି ବିଦାରି ପକାନ୍ତି । ପ୍ରତିରୋଧ କରିବାକୁ ଶକ୍ତି ନ ଥାଏ ମୋର । ଶରୀର ବିନିମୟରେ କିଛି ଅର୍ଥ ମିଳେ । ଲବ୍ଧ ଅର୍ଥରେ ପରମାନନ୍ଦକୁ ଉଚ୍ଚଶିକ୍ଷା ଦେଇ ଡାକ୍ତର କରେ । ଚଳଚଞ୍ଚଳ ଯୌବନ ନଈରେ ଭଟ୍ଟାପଡ଼େ । ଧୀରେ ଧୀରେ ତାହା ଶୁଷ୍କ ଓ କ୍ଷୀଣ ହୁଏ । ଗୃଧ୍ରଗଣ ମୋ ଠାରୁ ମୁହଁ ଫେରାଇ ନିଅନ୍ତି । ସେତେବେଳକୁ ପରମାନନ୍ଦ ବଡ଼ ଡାକ୍ତରଖାନାରେ ମୁଖ୍ୟ ଚିକିତ୍ସକ ପଦବୀରେ ଅବସ୍ଥାପିତ ହୋଇସାରିଥାଏ । ମୋ ଅଜାଣତରେ ଏକ ଡାକ୍ତରାଣୀ ଜୀବନସାଥୀ ବାଛିନିଏ । ଦଶମାସ ଗର୍ଭଧାରିଣୀ ମାଆର ଦୁଃଖଯନ୍ତ୍ରଣା, ସେବା ଯତ୍ନ, ଲାଳନପାଳନ, ସ୍ନେହ ମମତାକୁ ପାସୋରି ପକାଇ ସହରୀ ଜୀବନଯାପନ କରେ । ଜନନୀ ଜନ୍ମଭୂମିକୁ ସମ୍ପୂର୍ଣ୍ଣ ଭୁଲିଯାଏ ଯେପରି । ମୁଁ ଗାଆଁ ସାହିପଡ଼ିଶା ଘରେ ଦି'ପାଇଟି କରି ଭିଟାମାଟିର ଅର୍ଦ୍ଧନଗ୍ନ ଚାଳଛପର ତଳେ ପଡ଼ିରହି ଗୁଜରାଣ ମେଣ୍ଟାଏ । ବୋଝ ଉପରେ ନଳିତା ବିଡ଼ା ପରି ହଠାତ୍ ଦିନେ ମୋତେ ପ୍ରବଳ ଜ୍ୱର ହୁଏ । ଖୁଁ ଖୁଁ କାଶ ଲାଗି ରହେ । ଧୀରେ ଧୀରେ ଜ୍ୱରର ପ୍ରକୋପ କମିଯାଏ ସିନା ହେଲେ କିନ୍ତୁ କାଶ ଛାଡ଼େ ନାହିଁ । ଛାତିରେ ପ୍ରବଳ ଯନ୍ତ୍ରଣା ଅନୁଭବ ହୁଏ । ଏପରି ଦୂରାବସ୍ଥା ଦେଖି ଗାଁ ଲୋକେ ଚାନ୍ଦାଭେଦା ଦେଇ ମୋତେ ପରମାନନ୍ଦ ନିକଟକୁ ସହରକୁ ପଠାଇଦିଅନ୍ତି । ପୁଅମୋର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରି ନଅ ଦିନ ରଖେ । ଚିକିତ୍ସା ଦ୍ୱାରା କାଶ କମିଯିବାରୁ କିଛି ଔଷଧ ଦେଇ ଗାଁଆକୁ ପଠାଇଦିଏ । ବସାଘରକୁ ନିଏ ନାହିଁ । ବୋହୂକୁ ମୁଁ ଦେଖିପାରିଲି ନାହିଁ । କେତେ ଆଶାଭରାସା ନେଇ ଆସିଥିଲି । ତା'ପାଖରେ ରହି ଶେଷଜୀବନ କଟାଇବି ବୋଲି । ମଲାପରେ ମୋ ମୁହଁରେ ନିଆଁଟିକେ ଦେବ ବୋଲି । କିନ୍ତୁ ସବୁ ଆଶା ମୋର ମଉଳି ଯାଇଛି ପୁଅ; ବେସାହାରା ହୋଇ ଆଜି ଏକାକୀ ଗାଆଁକୁ ବାହୁଡ଼ିଯାଉଛି ।

– ଏତିକି କହିସାରି କଇଁ କଇଁ ହୋଇ କାନ୍ଦି ଉଠନ୍ତି ବୃଦ୍ଧା ନିରୂପମା । ବ୍ରହ୍ମାନନ୍ଦ ଅନୁଭବ କରନ୍ତି, ଦଶମାସ ଗର୍ଭଧାରଣ କରି କଷ୍ଟ ସହି ସନ୍ତାନକୁ ଜନ୍ମଦେଇ, ଥନଭାଙ୍ଗି କ୍ଷୀର ଖୁଆଇ, ଲାଳନପାଳନ କରି ଶିଶୁରୁ ମଣିଷ କରିଥିବା ମାଆ ପ୍ରତି କୃତଘ୍ନ ପୁଅର ଅମାନବୀୟ ବ୍ୟବହାର । ସଂସାରରେ ସମ୍ପର୍କର ସେତୁ ସକଳ କେତେ ଦୁର୍ବଳ ସତେ । ମିଛମାୟା ଘେରା ଦୁନିଆରେ ସବୁ ଯେହ୍ନେ ଅଳୀକ ଅସାର, – ସମୟ ଗତିଶୀଳ, ପ୍ରକୃତି କ୍ଷଣଭଙ୍ଗୁର, ପରିବେଶ ବିବର୍ତ୍ତନଶୀଳ, ଶରୀର ନଶ୍ୱର, ମନ ଚଳଚଞ୍ଚଳ, ଜୀବମୃତ୍ୟୁଶୀଳ । ବୃଦ୍ଧାଙ୍କୁ ସେ ସରଳ, ତରଳ, ସାବଲୀଳ ଭାଷା ଚାତୁରୀରେ ବୁଝାଇଦେଇ କହନ୍ତି – "ହେ ମାତା ! କର୍ମମୟ ଏ ଜଗତ, କର୍ମ କରିବା ପାଇଁ ଏଠାରେ ସକଳ ଜୀବ ଜାତ । ପ୍ରତ୍ୟେକ ନିଜ ନିଜ କର୍ମରେ ଲିପ୍ତ । କର୍ମ କ୍ଷେତ୍ର ଏକ ସମର କ୍ଷେତ୍ର ଅଟେ । ସେଠାରେ ପିତାମାତାର ସମ୍ପର୍କ ଗୌଣ । ପରମାନନ୍ଦଙ୍କ ଉପରେ ତୁମେ ଦୋଷାରୋପ କରନାହିଁ । ସେ ତାଙ୍କ ସ୍ୱକର୍ମରେ ନିମଗ୍ନ ତୁମେ ତୁମର କର୍ମ କରି ଚାଲ । ଏ ସଂସାରରେ କେହି କାହା ପାଇଁ ଦାୟୀ ରହେନାହିଁ । ଏଠାରେ ମହାକାଳ ଏକାବଳବାନ୍ । ସତକର୍ମ ହିଁ ଜୀବନର ସାହାରା । ତେଣୁ ତୁମେ ସୁଖ ସନ୍ତୋଷରେ ଗ୍ରାମ୍ୟଜୀବନ ଅତିବାହିତ କର । ଗାଆଁର ଲୋକମାନଙ୍କୁ ପୁତ୍ରକନ୍ୟାର ଆସନ ଦିଅ । ସେମାନଙ୍କୁ ନିଜର ସ୍ନେହ ମମତାରେ ବାନ୍ଧିରଖ । ସଭିଙ୍କୁ ଗୋଟିଏ ପରିବାର ବୋଲି ବିଚାର କର । ସେମାନଙ୍କ ସୁଖଦୁଃଖରେ ସହଭାଗୀ ହୁଅ ଓ ସେମାନଙ୍କ ଅନ୍ତରାତ୍ମାରେ ତୁମେ ଲୀନ ହୋଇଯାଅ । ସେମାନେ ତୁମକୁ ଉପଯୁକ୍ତ ସେବାଯତ୍ନ ଓ ଆଦର ଦେବେ । ଅନ୍ତିମେ ତୁମେ ନିର୍ବାଣପ୍ରାପ୍ତ ହେବ । ଏହିପରି ଆଲୋଚନା ଚାଲିଥିବା ବେଳେ ଏକ ରହଣିସ୍ଥାନରେ ଗାଡ଼ିଟା ଠିଆ ହୋଇଯାଏ । ସ୍ୱାମୀ ବ୍ରହ୍ମାନନ୍ଦ ବୃଦ୍ଧାଙ୍କଠାରୁ ବିଦାୟ ନେଇ ଗାଡ଼ିରୁ ଅବତରଣ କରନ୍ତି । ତାଙ୍କ ଯାତ୍ରାପଥର ପରିସମାପ୍ତି ଘଟେ । ସେ ଆଗକୁ ଚାଲନ୍ତି । ବୃଦ୍ଧା ଭାବବିହ୍ୱଳ ହୋଇ ତାଙ୍କ ଚଲାପଥକୁ ଅପଲକ ନୟନରେ ଚାହିଁ ରହିଥାନ୍ତି । କେବଳ ଜୀବନଟା ଯେ ଏକ ରେଳଗାଡ଼ିର ଯାତ୍ରା ସହିତ ସମାନ ବୋଲି ଚିନ୍ତା କରୁଥାନ୍ତି ସେ ।

ମଦନପୁର, କେନ୍ଦ୍ରାପଡ଼ା

୦୦୦୦

# ତିନି ନିଶାରେ ଲୋକହସା

ଲୋଚନ ବେହେରା

ବିକ୍ରମପୁର ଗାଆଁର ମଝିସାହିରେ ମହେଶ୍ୱରବାବୁଙ୍କ ଘର । ସେ ବୃତ୍ତିରେ ଜଣେ ଶିକ୍ଷକ ହେଲେ ମଧ୍ୟ ପ୍ରବୃତ୍ତିରେ ଜଣେ ଲୋଭୀ, ଅହଂକାରୀ ଓ ଚକ୍ରାନ୍ତକାରୀ । ଗାଆଁର ଅନ୍ୟାମାନଙ୍କର ଉନ୍ନତି ସହିପାରନ୍ତି ନାହିଁ । କେହି ଜଣେ ଚାକିରୀ ପାଇଗଲେ କିମ୍ବା ଜମି ଗୁଣ୍ଠେ କିଣିଲେ ତାଙ୍କ ଦେହରେ କଣ୍ଟା ଫୋଡ଼ିବା ଭଳି ଅନୁଭବ କରନ୍ତି । ତାଙ୍କ ପରିବାରକୁ ଏବଂ ଧନସମ୍ପତ୍ତିକୁ କେହି ପ୍ରଶଂସା କଲେ ସେ ବିଶେଷ ଆନନ୍ଦ ଅନୁଭବ କରନ୍ତି । ମାତ୍ର ତାଙ୍କ ଆଗରେ କେହି ଅନ୍ୟର ପ୍ରଶଂସା କଲେ ସେ ସହିପାରନ୍ତି ନାହିଁ । ବିଦ୍ୟାଳୟରେ ଶିକ୍ଷାଦାନ ଦେବାବେଳେ ଛାତ୍ରଛାତ୍ରୀମାନଙ୍କୁ ବହୁ ଆଦର୍ଶ କଥା କହିଥା'ନ୍ତି । କିନ୍ତୁ ବାହାରେ ତାଙ୍କର ଆଚରଣ ସଂପୂର୍ଣ୍ଣ ବିପରୀତ । "ଯେଉଁ ଛପରକୁ ଯେଉଁ ବତା" କ୍ରମରେ ସ୍ତ୍ରୀ ଅନସୂୟା ସ୍ୱାମୀଙ୍କର ସହଗାମିନୀ । ସେ ସ୍ୱାମୀଙ୍କୁ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରିବା ପରିବର୍ତ୍ତେ ଅଧିକ ପ୍ରେରଣା ଯୋଗାଇଥାନ୍ତି ।

ଥରେ ସ୍କୁଲରୁ ଫେରି ସନ୍ଧ୍ୟାବେଳେ ଚା ପିଇବା ଅବସରରେ ସ୍ତ୍ରୀ ଅନସୂୟାକୁ ଡାକି କହିଲେ, ଅନୁ ! ଶୁଣିଲଣି, ଉପର ସାହିର ବିଶ୍ୱାଳଘର ବୋହୂ ଚାକିରି ପାଇଗଲା । ସେମାନେ ବହୁତ ଆରାମରେ ଚଳିବେ । 'ଆମ ପୁଅ ଟୁଟୁକୁ ଏକ ସିଟି ଝିଅ ସହିତ ବାହାଘର କରିଦେଲେ ବୋହୂ ଆମର ଚାକିରି କରନ୍ତା । ଆମେ ତ ଆରାମରେ ଚଳନ୍ତେ । ଏଥିରେ ତୁମର ମତ କ'ଣ ? ଅନସୂୟା ଟିକେ ଥକ୍କାମାରି କହିଲେ, ସେପରି ଝିଅ ମିଳିଲେ ହେଲା । ମହେଶ୍ୱରବାବୁ କହିଲେ, ଇଚ୍ଛାଥିଲେ ଉପାୟ ଆପେ ଆସେ । ଚେଷ୍ଟାକଲେ ସବୁ ସମ୍ଭବ ।

ତହିଁ ପରଦିନ ଠାରୁ ମହେଶ୍ୱରବାବୁ ଚେଷ୍ଟା ଜାରି ରଖିଲେ । ସତକୁ ସତ ବହୁତ ଖୋଜାଖୋଜି ପରେ 'ରୂପଦେଇପୁର' ଗାଆଁର ଏକ ଅନାମଧେୟ ବ୍ୟକ୍ତିଙ୍କର ସେହିପରି ଏକ ଝିଅଟିଏ ଅଛିବୋଲି ଖବର ମିଳିଲା । ସାରଙ୍କର ମନ କୁଣ୍ଢେମୋଟ । ଆକାଶରୁ ଚାନ୍ଦ ସତେ ତାଙ୍କ ହାତରେ ପଡ଼ିଗଲା । ସେ ଝିଅଟିର ରୂପ, ଗୁଣ, ବଂଶ ପରମ୍ପରା, ଚରିତ୍ର ଇତ୍ୟାଦିକୁ ବିଚାର ନ କରି ତରବର ହୋଇ ବିନା ଯୌତୁକରେ ବିବାହ କରିବାକୁ ସ୍ଥିର କଲେ । ଏଣେ ଝିଅର ବାପା ବଡ଼ ଘରେ ଝିଅ ଦେବ ବୋଲି ଗୋଡ଼ ତଳେ ଲାଗୁ ନଥାଏ । ସେ ମଧ୍ୟ ପୁଅର ଚରିତ୍ର ଓ ଚଳଣି ସମ୍ବନ୍ଧରେ ନ ଜାଣି ଝିଅ ବିଭାଘର ଯଥାଶୀଘ୍ର ସାରିଦେବାକୁ ରାଜି ହୋଇଗଲେ । ଯାହାହେଉ ଫଗୁଣ ମାସ ଶେଷକୁ ଦିନଧାର୍ଯ୍ୟ କରି ବିବାହ କାର୍ଯ୍ୟ ସାରିଦେଲେ ।

ନୂଆ ହୋଇ ବୋହୂଟି ଆସିଛି ପୁଣି ପାଠପଢୁଆ ଝିଅ – ଏହା ଭାବି ଶାଶୂ ପୂର୍ବପରି ଘରେ ସବୁ କାମ କରିଦେଉଥାଏ । ଗୋଟିଏ ବୋଲି ବୋହୂ, ଆଗକୁ ନାହିଁ କି ପଛକୁ ନାହିଁ । ଶାଶୁ ବୋହୂକୁ କିଛିକାମ କରିବାକୁ ଦିଏ ନାହିଁ । ଏହି ସୁଯୋଗରେ ବୋହୂ ତା'ର ପୁରୁଣା ପ୍ରେମିକା ପାଖକୁ ଦିନରାତି ମୋବାଇଲ୍‌ରେ ଫୋନ୍ କରୁଥାଏ । ଫୋନ୍‌ରେ କଥା ହେବାବେଳେ ଶାଶୂ କାହାକୁ ଫୋନ୍ କରୁଛୁ ବୋଲି ପଚାରିଲେ, ସେ ଏଣୁତେଣୁ କହି ଭୁଲେଇ ଦେଉଥାଏ ।

ପୁଅ ଯେତେବେଳେ ଘରକୁ ଫେରୁଥିଲା, ନିଶାରେ ତା'ର ପାଦ ଟଳଟଳ ହେଉଥାଏ । ପୁଅଟି କୁସଙ୍ଗ ସହିତ ମେଳ ହୋଇ ନିୟମିତ ନିଶାପାନ କରେ ଏବଂ କିଛି ପୈତୃକ ଧନ ଖର୍ଚ୍ଚ କରି ସାଙ୍ଗମାନଙ୍କୁ ଆପ୍ୟାୟିତ କରେ । ପୁଅର ଏହା ନିତିଦିନିଆ ଅଭ୍ୟାସ । ବୋହୂଟି ତା'ର ପୁରୁଣା ପ୍ରେମିକ ସହ ସଦାବେଳେ ଫୋନ୍‌ରେ କଥାବାର୍ତ୍ତା କରୁଥାଏ । ଥରେ ବୋହୂର ଫୋନ୍‌ରେ କଥାବାର୍ତ୍ତା ପୁଅ ନଜରରେ ପଡ଼ିଗଲା । କାହା ପାଖକୁ ଫୋନ୍ କରୁଛ ବୋଲି ପଚାରିବାରୁ ବୋହୂ ଚିରାଚରିତ ଢ଼ଙ୍ଗରେ ସାଙ୍ଗମାନଙ୍କ ପାଖକୁ କରୁଛି ବୋଲି କହିଲା; ମାତ୍ର ପୁଅ ନିଶାସକ୍ତ ହେଲେ ମଧ୍ୟ ବୋହୂର ଗୁମର କଥା ଧରିପାରିଛି । ତେଣୁ ସେ କାଳବିଳମ୍ବ ନ କରି ଉତ୍ତମମଧ୍ୟମ ଦେବାରେ ଅବହେଳା କଲା ନାହିଁ ।

ଏହାପରେ ବୋହୂ ଛଳନା କରି ବୈଶାଖ ମାସ ପ୍ରଥମ ସପ୍ତାହରେ ବାପଘରକୁ ଯିବାକୁ ବାହାରିଲା । ମହେଶ୍ୱର ବାବୁ ବୋହୂର ଚକ୍ରାନ୍ତ କିଛି ବୁଝି ନ ପାରି ବାପଘରକୁ ପଠାଇଦେଲେ । କିଛିଦିନ ପରେ ସାର୍ ବୋହୂକୁ ଆଣିବାକୁ ଗଲେ । ମାତ୍ର ବୋହୂ ଆଉ ଫେରିବ ନାହିଁ ବୋଲି ଶଶୁରଙ୍କୁ ମୁହେଁ ମୁହେଁ କହିଦେଲା । ଯେତେ ଲୋକ ବୁଝାଇଲେ ମଧ ବୋହୂ ଆଉ ଶାଶୂଘରକୁ ଫେରିଲା ନାହିଁ । ଶେଷରେ କଥାଟା ଛାଡ଼ପତ୍ର ପର୍ଯ୍ୟନ୍ତ ଗଲା ଓ ଥାନାରେ ଛାଡ଼ପତ୍ର ଲେଖାହୋଇ ବୋହୂ ନେଇଯାଇଥିବା ଯାବତୀୟ ପଦାର୍ଥ ଫେରସ୍ତ ଆଣିଲା । ଶୁଣାଯାଏ ବୋହୂ ବିଭାଘରରେ ଯାହା ଶାଶୂଘରକୁ ନେଇଥିଲା ତା'ର ପାଞ୍ଚଗୁଣ ଜିନିଷ ମିଥ୍ୟାର ଆଶ୍ରୟ ନେଇ ସାର୍‌ଙ୍କଠାରୁ କଡ଼ାଗଣ୍ଡା ହିସାବ କରି ଫେରାଇଆଣିଲା । ବାପଘର ପୁନଶ୍ଚ ଝିଅ ପୋଷାକରେ ଏକମାସ ଚଳିଲା ପରେ ଜଣେ ହରିଜନ ଯୁବକ (ପୁରୁଣା ପ୍ରେମିକ) ସହିତ ମନ୍ଦିରରେ ବିବାହ କରି ଚାଲିଗଲା । ମହେଶ୍ୱରବାବୁ ଲଜ୍ଜାରେ କିଛିଦିନ ଘରୁ ବାହାରିପାରିଲେ ନାହିଁ ଓ ପୁଅକୁ ଜଣେ ଅଜ୍ଞ ପାଠୋଇ ଝିଅ ସହିତ ବିବାହ କରିଦେଲେ ।

ବିକ୍ରମପୁର ଗାଆଁର ଟୋକାମାନେ ସନ୍ଧ୍ୟାରେ ତାସ ଖେଳୁ ଖେଳୁ ପରିହାସରେ କହିଲେ - ମହେଶ୍ୱର ସାର୍‌ଙ୍କର ଚାକିରିଆ ବୋହୂ ନିଶା, ବୋହୂର ପୁରୁଣା ପ୍ରେମିକ ସହ ପ୍ରେମ ନିଶା, ପୁଅର ନିତିଦିନିଆ ମହୁଲି ନିଶା - ଏଇ ତିନି ନିଶା ସାର୍‌ଙ୍କୁ ଗାଆଁରେ ଲୋକହସା କରିଦେଲା ।

ଈଶ୍ୱରପୁର, ବାହାନଗା, ବାଲେଶ୍ୱର

୦୦୦




# R. S. TUTORIALS
SURYALOKA LANE, CHANDI CHHAK, CUTTACK

*Admission Open !* *Admission Open !*

**A Complete Coaching for**

**+2 Arts & Commerce**
**+3 Arts (Hons, Elective, Pass)**

**Special Coaching for : Spoken English And also M. A. Entrance, (Pol. Science)**

Contact : 9861462581, 9861816123



# EMERALD

## EDUCATION



+2 Science
+3 Science
(Hons & Pass)

**Hostel For Boys & Girls**

SURYALOKA LANE, CHANDI CHHAK, CUTTACK
DIAL : 9337894203, 8280320966



# ପତି ହିଁ ଈଶ୍ୱର ଭାବୁଥିଲା ନାରୀ

ଶାନ୍ତନୁ କୁମାର ଷଡ଼ଙ୍ଗୀ

ଗାଆଁର ଭାଗବତ ଟୁଙ୍ଗୀରେ ଧଡ଼ିଆ ନନା ଭାଗବତ ବୋଲିବା ବେଳେ ସବୁକଥାଗୁଡ଼ିକ ସମସ୍ତଙ୍କୁ ବୁଝାଇ କହୁଥିଲାବେଳେ ସନିଆ ଉଠି ପଚାରିଲା । ସବୁ କଥା ତ ନନା ତୁମେ କହୁଛ ହେଲେ ମୋର ଗୋଟିଏ କଥାର ଉତ୍ତର ଦେଇପାରିବ ? ମୁଁ ତ ହେଲି ଖଟିଖିଆ ଦିନ ମଜୁରିଆ । ଜମିଦାରଙ୍କ ଜମି ଚାଷ କଲେ ପେଟ ଚାଖଣ୍ଡକ ପାଇଁ ଦାନା ଯୋଗାଡ଼ କରିପାରିବି । ଆଉ ଘରେ ବିଧବା ବୁଢ଼ୀଟାଏ । ନନା ତୁମେ ଏବେ ମୋତେ କୁହ । ପତି ହିଁ ଈଶ୍ୱର ଭାବୁଥିବା ନାରୀ ସେଦିନ ଯାଇଛି ହଜି । ୟା'ର ଅର୍ଥଟା ଟିକିଏ ମୋତେ ସରଳ ଭାଷାରେ ବୁଝାଇଦେଲ ? ଭାଗବତ ପାଠ କରିବା ସହିତ ଶିବ ମନ୍ଦିରରେ ପୂଜା କରି ସଂସାର ନାବକୁ ଆଗେଇ ନେଇଥିବା ଧଡ଼ିଆ ନନାଙ୍କ ମୁଣ୍ଡଟା ବୁଲାଇଦିଏ ଓ ସେ ମନେ ମନେ ଭାବୁଥିଲେ । ସନିଆ ମୁରୁଖ ଲୋକଟା ହୋଇ ତା'ମୁଣ୍ଡରେ ଏ ସର୍ବନାଶିଆ କଥାଟା ଢୁକିଲା କାହିଁକି ? ତେବେ ସେ କ'ଣ ଘର ବାପାମାଆଙ୍କ କଥାରେ ରାଜି ନ ହୋଇ ଶେଷରେ ମଇନାକୁ ବାହା ନ ହୋଇ ଭଲପାଇ ତାଙ୍କ ଘରୁ ନେଇଆସିଥିଲା ଓ ଠାକୁର ମନ୍ଦିରରେ ବିବାହ ବନ୍ଧନରେ ମଇନାକୁ ନିଜର କରିନେଇଥିଲା କେତୋଟି ମୁହୂର୍ତ୍ତକୁ ଆପଣେଇ ନେଇ । ସେ ସିନା ମଇନାର ଗୋରା ତକ୍‌ତକ୍ ଦେହଟିକୁ ଭଲପାଇଥିଲା ହେଲେ ତା'ମନର ଭାବନାକୁ ଭଲପାଇ ନଥିଲା କାରଣ ମଇନା ଥିଲା ଭିନ୍ନ ଧରଣର ଝିଅ ଯିଏ କେବଳ ସିନିଆର କାମନାର ଦଂଶନରେ ପୀଡ଼ିତ ହୋଇ ଶେଷରେ ସନିଆକୁ ଛାଡ଼ପତ୍ର ଦେଇ ଚାଲି ନ ଯାଇଥିଲେ ପୁଅ ମୁଣ୍ଡରେ ଏ ବୁଦ୍ଧିଟା ପୁଣିଥାଆନ୍ତା କେମିତି ? ଧଡ଼ିଆ ନନା ସନିଆ କଥାଟାକୁ ବେଳେବେଳେ ଭାବି ବସନ୍ତି ଓ ମୁଣ୍ଡଟା କାହିଁକି କେଜାଣି ବିଗିଡ଼ିଯାଏ । ତେବେ ଏ ସଂସାରଟା କ'ଣ କେବଳ 'ଅର୍ଥ ଓ ସ୍ୱାର୍ଥ'କୁ ନେଇ ଅଗ୍ରସର । ସେଠାରେ ମଣିଷର ମଣିଷତ୍ୱ କେବଳ 'ବିପନ୍ନ ଜୀବନ' ଭିତରେ ଅତିବାହିତ ହୁଏ । ସେଦିନ ଧଡ଼ିଆ ନନା 'ଭାଗବତ' ପଢ଼ିସାରି ପୂଜାକରି ଉଠି ସନିଆକୁ ପାଖକୁ ଡାକି କହୁଥିଲେ । ହଇରେ ସନିଆ ତୋର ଯଦି ପ୍ରଶ୍ନ ପଚାରିବା କଥା, ତୁ ମତେ ଏକୁଟିଆ ନ ପଚାରି ସଭାରେ ପଚାରିବାଟା କ'ଣ ତୁ ଠିକ୍ ବୋଲି ଭାବିଲୁ ? ସଭାରେ ପଚାରିଲେ ଭଦ୍ରଲୋକଙ୍କ ପାଖରେ ପ୍ରଶ୍ନର ଉତ୍ତର ନ ଦେଇପାରିଲେ ପରିସ୍ଥିତିଟା କ'ଣ ହୁଏ ତୁ ବା କେମିତି ଜାଣିବୁ ? ତୋତେ ମଇନା ବୋଧହୁଏ ଛାଡ଼ି ଚାଲିଯାଇଛି ତା' ନହେଲେ ତୁ ତ ଆଗରୁ କେବେ ମୋତେ ଏକଥା ଦିନେହେଲେ କହି ନଥିଲୁ ? ସନିଆ ସେଦିନ ଧଡ଼ିଆ ନନାଙ୍କୁ କହୁଥିଲା, ଜାଣିଲ ନନା ଏଇ ବିଧବା ବୁଢ଼ୀଟା ପାଇଁ ମୁଁ ସିନା ମଇନାକୁ ନେଇ ଆସିଥିଲି ହେଲେ ସେବା ଭକ୍ତି କରିବା ତ ଦୂରର କଥା । ଦିନେହେଲେ କାହା ସାଙ୍ଗରେ ମଇନା ହସି କରି ପଦେକଥା ମଧ୍ୟ କୁହେ ନାହିଁ । ଆଈ ଶାଶୂକୁ ତ ଯେଉଁ ବ୍ୟବହାର କଲା ତା'ଛଡ଼ା ସିଏ ମୋତେ ଯେଉଁ ବ୍ୟବହାର କରେ ସେ କଥା ନ କହିଲେ ଭଲ । ୟୁଗଥିଲା ନାରୀ ମନ ମନ୍ଦିରରେ ପତି ଦେବତାଙ୍କୁ 'ଦେବତା' ବୋଲି ପୂଜା କରିବା ସହିତ ସମ୍ମାନ ଦେଉଥିଲା । ହେଲେ ସମୟ ଯେଉଁଠି କିଛି ଲେଉଟାଉଛି ସେଠାରେ ସମସ୍ତେ କେବଳ ସ୍ୱାର୍ଥର ଦାସ ପାଲଟିଯାଇଛନ୍ତି । ତେଣୁ ମଇନା ସେଥିରୁ ବାଦ୍ ଯିବ କିପରି ? ଧଡ଼ିଆ ନନା ସନିଆର କଥାଶୁଣି ଭାବୁଥିଲେ ନିଜ ଘରର କଥାକୁ । ଭଉଣୀର ସ୍ୱାମୀକୁ ମରିଗଲା ପରେ ତାକୁ ଶାଶୂଘରେ ଯେଉଁ ନିର୍ଯ୍ୟାତନା ଦେଲେ ସେବା କାହା ଭରସାରେ ଶାଶୂଘରେ ରହିଥାଆନ୍ତା, ହେଲେ ସାବିତ୍ରୀ ଯେଉଁବ୍ୟବହାର କରେ ସେ କଥା ନ କହିଲେ ଭଲ । "ଅଜାଗା ଘା' ଦେଖାଇ ହୁଏ ନାହିଁ କି ଦେଖି ହୁଏ ନାହିଁ ସେ କାହାକୁ କହିବ ?" ଧଡ଼ିଆ ନନାଙ୍କ ଦୁଃଖଟା ଛାତି ଭିତରେ ଚାପି ହୋଇ ବେଳେବେଳେ ଆର୍ତ୍ତନାଦ କରେ ହେଲେ ନନା ସ୍ଥିତପ୍ରଜ୍ଞ ମଣିଷ ଯାହାର ମନରେ ନାହିଁ, ହିଂସା ଈର୍ଷାର ବିରାଟ ପ୍ରାଚୀର । ଧଡ଼ିଆ ନନା ଅନେକଥର ସାବିତ୍ରୀକୁ ପାଖରେ

ବସାଇ ବୁଝାଇବାକୁ ଚେଷ୍ଟା ମଧ୍ୟ କରିଛନ୍ତି ହେଲେ "ଯେତେକ ଲଙ୍କାରୁ ଜନମ; ସମସ୍ତେ ରାକ୍ଷସ ସମାନ"। ଶ୍ୱଶୁର ଘରର ଶାଶୂ ଓ ଶ୍ୱଶୁର ଶଳା ମଧ୍ୟ ଦିନେ ହେଲେ ଭଲକରି ପଦିଏ କଥା ଧଡ଼ିଆନନାଙ୍କୁ କୁହନ୍ତି ନାହିଁ, କାହିଁକି ବା କହିବେ ? ଧନରେ ପାହାଡ଼ ଉପରେ ଯେଉଁମାନେ ବସନ୍ତି ସେମାନେ କେବଳ 'ଧନ ଓ ମାନ' ନେଇ ଗର୍ବ କରନ୍ତି ହେଲେ ସ୍ନେହ, ମମତା, ସମ୍ମାନ ଓ ବିବେକଠାରୁ ସେମାନେ ଅନେକ ଦୂରରେ। ଧଡ଼ିଆ ନନା ସିନା ଚାଳଛପର ଘର ଆଉ ଜମି ଦୁଇମାଣ ଭାଗ ଲାଗିଛି। ଝିଅଟିଏ ଜନ୍ମ ହୋଇଛି ଯେ ତାକୁ ସବୁବେଳେ ରୋଗ ଖାଇଯାଉଛି। ଧଡ଼ିଆ ନନା କର୍ମକର୍ମାଣି, ବାହାଘର, ବ୍ରତଘର ଓ ଜ୍ୟୋତିଷ ବିଦ୍ୟା ଶିକ୍ଷା ଲାଭ କରିଥିବାରୁ ତା'ଦୁଃଖର ସଂସାରକୁ ସେ ସିନା ଠେଲି ନେଇଯାଏ ଆଉ ସହଧର୍ମିଣୀ ସାବିତ୍ରୀ ଧଡ଼ିଆ ନନା ବାଧିକି ପଡ଼ିଲେ ହସିକରି ପଦେ କଥା ତ କହିବା ଦୂରର କଥା ଓଲଟି କୁହେ। ହଇରେ ବାଡ଼ିପଡ଼ା, ଅଲପେଇଷା ତୁ ତ ନିଜ ଦେହକୁ ଜଗିଲୁ ନାହିଁ ବାଧିକି ପଡ଼ିଲୁ ଆଉ ତୁ ଭାବିଛୁ ତୋର ମୁଁ ସେବା କରିବି। ସେ କଥା ମନରୁ ପୋଛିଦେ ବାପ ଧନ। ବିଧବା ଭଉଣୀ ଉପରେ ସାବିତ୍ରୀ କେତେଥର ହାତ ମଧ୍ୟ ଉଠାଇଛି ଆଉ ମାଡ଼ ମଧ୍ୟ ମାରିଛି। ସବୁ କଥା ଦେଖି ମଧ୍ୟ ଧଡ଼ିଆ ନନା ସେଦିନ ନୀରବ ରହିବା ସହିତ ଚକାଆଖିକୁ ହାତଯୋଡ଼ି କହୁଥିଲା, "ପ୍ରଭୁ ! କେତେଦିନ ଆଉ ମୋତେ ଧର୍ମପତ୍ନୀର ନିର୍ଯ୍ୟାତନାକୁ ଏମିତି ସହିବାକୁ ପଡ଼ିବ ? ଯା'ର କ'ଣ ଶେଷ ହେବନାହିଁ ?

କାଦୁଅପଡ଼ା, ଜଗତ୍‌ସିଂହପୁର

୦୦୦


Regd. No. : 23717/65

VOICE FOR VOICELESS

INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :

INVITATION

SUNDAY MEETING AT 10 AM
VENUE-R.S TUTARIAL, INFRONT OF CHRIST COLLEGE MAIN GATE,
SURYALOK LANE CHANDI CHACK, CUTTACK
COLLECT ID CARD AND GET INFORMATION.

# ସୁରଭି

ପ୍ରମିଳା ପ୍ରତାପ

ସୁନୀଲ ଫୁଲ ଦୋକାନକୁ ଗଲା । କାଲିର ପ୍ରୋଗ୍ରାମ୍ ପାଇଁ ନିଶ୍ଚୟ ବେଶି ଫୁଲ ଦରକାର । ସକାଳ ହେଲେ ଲୋକଗହଳି ଲାଗିଯିବ । କେତେ କେତେ ଜିନିଷପତ୍ର କିଣିବା ପାଇଁ ତାକୁ ବରାଦ ଦିଆଯାଇଛି । ରାତ୍ରି ରାତ୍ରି ଉଜାଗର ରହି କେତେ ପରିଶ୍ରମ କରିବାକୁ ପଡୁଛି । ନିଜ କଥା ଭାବିବାକୁ ସମୟ ହେଉନି । ଖିଆପିଆ କଥା ଛାଡ଼ । କେତେଦିନ ହେଲା କ୍ଷିଅର ନ ହୋଇ ସେ ରୁକ୍ଷ ଦିଶିଲାଣି । ଦାଢ଼ି ବଢ଼ିଯାଉଛି ଦିନକୁ ଦିନ । ହଉ, ସକାଳୁ ସକାଳୁ ବରାଦି ଫୁଲତୋଡ଼ା, ମାଳଗୁଡ଼ାକୁ ଆଉ କିଛି ରେଜାଫୁଲ ନେଇଆସିଲେ ମୁକ୍ତି । ଯାହାହଉ କିଛି ଅଗ୍ରିମ ପୈଠ କରି ବରାଦିଗୁଡ଼ାକୁ ଜଣେଇ ଦେବାକୁ ପଡ଼ିବ ଦୋକାନରେ । ପ୍ରୌଢ଼ା ଜଣକ ବସିଥିଲେ ଫୁଲ ଦୋକାନର କାଠ ଚେୟାରରେ । ସୁନୀଲ ପାଆଁଶ ଟଙ୍କିଆ ନୋଟ୍‌ଟିଏ ଧରାଇ ଦେଇ ଅର୍ଡର ମୁତାବକ ଫୁଲର ବରାଦି ସବୁ କରିଦେଲା । ଦୋକାନୀଜଣକ ସେମିତି ଅବିଚଳିତ ଭାବରେ ଉତ୍ତର କଲେ, କାଲି ଆସି ସକାଳୁ ସକାଳୁ ନେଇଯିବ । ସୁନୀଲ ଭାବିଲା ସତ, ସେସବୁ ଜିନିଷ ଅଫିସ୍ ପାଖରେ ରଖିଲେ ଯାଇ ତା' ମନ ଶାନ୍ତି । ଗାଧୁଆ ପାଧୁଆ ପଛରେ ଯାଇ । ହଉ, ରାତିରେ ତ ଭଲ ନିଦ ହଉନି । ଫୁଲ ସଜାସଜି ସହ ରୋଷେଇବାସ, ଖାଦ୍ୟପେୟର ଟିପାଟିପ୍ପଣୀ ଅଛି, ପ୍ରତିବର୍ଷ ବାର୍ଷିକ ଉତ୍ସବଠାରୁ ଏଥରର ସାଜସଜ୍ଜା ଟିକେ ନିଆରା । ସେଥିପାଇଁ ସବୁ ଜିନିଷ ଅଧିକା ଅଧିକା ରହିଛି । ସୁନୀଲ୍ ସମସ୍ତଙ୍କର ବିଶ୍ୱସ୍ତ । ସେ ପାଇଁ ତାକୁ ଭାରି ଭରସା ଅଫିସ୍‌ରେ । ସୁନୀଲ ବିନା କୌଣସି ଉତ୍ସବ ସମ୍ଭବ ନୁହେଁ । ସିଏ ସବୁଆଡ଼କୁ ଡକରା । ବହୁ ଭାବନାର ଲହଡ଼ି ଭିତରେ ସୁନୀଲ ଉବେଇ ଟୁବେଇ ହଉଛି । ଏମିତି ହଉ ହଉ ଚାନ୍ଦ ରାତିଟା ପାହିଗଲାଣି । ଦଶମୀ ତିଥିର ଦୁଧିଆ ଜହ୍ନଟା କୁଆଡ଼େ ମୁହଁ ଲୁଚେଇଲାଣି । କଜଳପାତିର ଲମ୍ବାସୁର ଶୁଭିଯାଉଛି । ବାଉଁଶବୁଦାରୁ କୁମ୍ଭାଟୁଆଟା ଫଡ୍ ଫଡ୍ ହୋଇ ଉଡ଼ିଗଲାଣି । ଆକାଶ ଫରଚା ଲାଗିଲାଣି । ଭୁଆସୁଣୀଏ ଗରା କାଖେଇ ନଈଆଡ଼େ ମୁହାଁଇଲେଣି । ବାଟଯାକ ନଣନ୍ଦମାନଙ୍କର ଟାହିଟାପରାରେ ଖିଲିଖିଲି ହସ ଶୁଭିଯାଉଛି ଝରକା ଫାଙ୍କରେ । ବାଡ଼ି ପାଖ ଗଙ୍ଗଶିଉଳି ଗଛରୁ ଝଡ଼ିପଡ଼ିଛନ୍ତି ପେନ୍ଥା ପେନ୍ଥା ଶେଫାଳୀ ସୁନ୍ଦରୀମାନେ । ବାସନାରେ ଫାଟିପଡୁଛି ବାଟଘାଟ । ନାଲି ଗଞ୍ଜା କୁକୁଡ଼ାଟା ଚାଳ ମଥାନକୁ ଚଢ଼ି ଡାକଦେଲାଣି 'ଚକ୍ରଧର ରଖ' । ସୁନୀଲ ଉଠିଲା । ନିମ୍ବ ଦାନ୍ତକାଠିଟାରେ ଘଷି ପକାଇଲା ତା'ର ସୁନ୍ଦର ଦାନ୍ତ ଦି'ଧାଡ଼ିକ । ବୋଉ ଆଶ୍ଚର୍ଯ୍ୟ ହେଲା । ଆଠଟା ସରିକି ଯିଏ ଉଠେ, ସେ ପୁଣି ଏତେ ସକାଳୁ ଏତେ ତତ୍ପର, ବୋଉ କେଜାଣି କାହିଁକି ମୁରୁକି ହସିଲା ।

ସୁନୀଲ ଚା' ଢୋକେ ପିଇଦେଇ ଆଗେଇଲା ବଜାର ଆଡ଼େ । ଅଫିସ୍ ବାଟ ହୋଇଯିବାକୁ ପଡ଼ିବ । କେଜାଣି ଆଉ କ'ଣ ପୁଣି ଦରକାର ହୋଇପାରେ । କିଏ ଅଠରଥର ବଜାରକୁ ଆସିବ ? ବଜାର ତଳି ଆଡ଼କୁ ଯାଇ ଫୁଲ ଦୋକାନ । ଯାଉ ଯାଉ ସବୁକଥା ବୁଝୁବୁଝୁ ସାଢ଼େ ଆଠଟା ସରିକି ସମୟ ଲାଗିଗଲା । ସୁନୀଲ ଅସ୍ତବ୍ୟସ୍ତ ହୋଇପଡ଼ିଲା । କେତେବେଳେ ସେ ସବୁକାମ ହେବ ? ଯାହାହଉ ବଜାରରୁ ଅନ୍ୟାନ ଜିନିଷସବୁ ସଜଡ଼ାସଜଡ଼ି କରି ଫୁଲ ପାଇଁ ବାହାରିଲା । ଦୋକାନରେ ଟିକେ ଭିଡ଼ ଥିଲା । ସୁନୀଲ ଟିକେ ଅନ୍ୟମନସ୍କ ହୋଇ ଆଡୁସାଡୁ ଭାବି କିଛି ସମୟ କାଟିଦେଲା । ତା'ପରେ ତା' କାନରେ ପଡ଼ିଲା 'ଆଜ୍ଞା କ'ଣ ନେବେ' ? କେଉଁ ଫୁଲ ? ସୁନୀଲର ହିସାବୀ ମନଟା ସହସା ସଜାଗ ହୋଇ ଚାହିଁଦିଅନ୍ତେ, ଯାହା ଦେଖିଲା ସେ ବିସ୍ମିତ ତଥା ତାଜୁବ୍ ହେଲା । ସେଇ ବୟସ୍କ ବ୍ୟକ୍ତିଜଣକ ନଥିଲେ । ଅଲଗା ଚେୟାରରେ ତରୁଣୀଟିଏ ବସିଥିଲା । ତା'ସିଟ୍ ସିଧାରେ ଟୋକେଇ ଟୋକେଇ ଫୁଲ ଗଦା ହୋଇଥିଲା । ଦୁଇଜଣ ମାଳସବୁ ଗୁନ୍ଥି ସାଇଜ୍ କରୁଥିଲେ । ଆଉ ଜଣେ କ'ଣ ସବୁ ହିସାବ କିତାବରେ ବ୍ୟସ୍ତ ଥାଇ ଗେଣ୍ଡୁ, ମାଳତୀ, ପଦ୍ମ, ଗୋଲାପ, ଜିନିଆ,

ରଜନୀଗନ୍ଧା, ସେବତୀ ଇତ୍ୟାଦି ଅନେକ ଫୁଲକୁ ସବୁ ଏପଟ ସେପଟ କରି ଦେଖି ଦେଖି ଅଲଗା ଅଲଗା କରିବାରେ ମନ ଲଗାଇଥିଲେ । ତରୁଣୀଟି ପୁଣିଥରେ ସମ୍ବୋଧନ କଲା, 'ଆଜ୍ଞା ! ଆପଣଙ୍କର କିଛି ଅର୍ଡର ଥିଲା କି ? ଦୋକାନର ଗହଳି ପାତଳ ହୋଇଆସିଥିଲା । ସେତେବେଳକୁ ଖରା ପିଣ୍ଡା ଛୁଇଁଲାଣି । ସୁନୀଲ ହଡ଼ବଡ଼େଇ ଗଲା । ହଁ ହଁ ଥିଲା, ଖୁବ୍ ତରତରରେ ଏତକ କହି ଛେପ ଢୋକିଲା । ଆରେ ସିଏ ନିଜେ କେତେ ଡେରି କଲାଣିଏଇ ଫୁଲ ଦୋକାନରେ । ସେପଟରେ ସବୁ କାମ ବାକି ପଡ଼ିଛି ଯେ ? ସହସା ତରତର ହେଲା ସୁନୀଲ । ଫୁଲ ସବୁକୁ ଏକାଠି କଲା ସତ, ହେଲେ ସବୁ ଫୁଲଠାରୁ ତାକୁ ସୁନ୍ଦର ଲାଗିଲା ତରୁଣୀର ମୁଖପଦ୍ମ । ତା'ର ଢଳ ଢ଼ଳ ଆଖି, ଥରିଲା ଥରିଲା ପାତଳ ଓଠ, ତିଳପୁଷ୍ପ ପରି ଉନ୍ନତ ନାସିକା, ପଦ୍ମ ପାଖୁଡ଼ା ପରି ଈଷତ୍ ଲାଲ୍ ଗାଲ, କୁଞ୍ଚିତ କେଶର ଅନାବନା ଲଟାପରି ଆଗକୁ ଓହଳି ଆସିଥିବା ସୁନ୍ଦର କପାଳରେ ଟିକି ନାଲି ବିନ୍ଦୁଟିଏ ସୁନୀଲ୍‌କୁ ଭାରି ଆପଣାର ଲାଗିଲା । ଗୋରା ତକତକ ମାଂସଳ ଗ୍ରୀବା ତଳକୁ ହାଲ୍‌କା ବାଇଗଣିର ବ୍ଲାଉଜ୍ ସହ ଈଷତ୍ ଲାଲ୍ ରଙ୍ଗର ପତଳା ଶାଢ଼ୀରେ ଫୁଟିଉଠିଥିଲା ଯୌବନର ପଦ୍ମକଢ଼ପରି ବକ୍ଷୋଜ । ଅଣ୍ଟା ତଳକୁ ଦିଶୁଥିଲା ଟେବୁଲ୍ ଫାଙ୍କର ଶାଢ଼ୀ କୁଞ୍ଚର ବହଳ ଆଚରଣ, ସୁନ୍ଦର ଛୋଟ ହାତପାପୁଲି ଦୁଇଟି । ମଣିବନ୍ଧରେ ସୁନାଚୁଡ଼ି ବୋଧେ ଦୁଇପଟ ଚକ୍‌ଚକ୍ କରୁଥିଲା । ଡାହାଣ ହାତରେ ଛୋଟ ଗୋଲାପୀ ପଥରବସା ମୁଦିଟିଏ । କାନରେ ଦୁଇଟି ଧଳା ପଥରର ଫୁଲ ଚିକ୍‌ମିକ୍ କରି ଜ୍ୟୋତିର୍ମୟୀ କରି ତୋଳୁଥିଲା ଝିଅଟିକୁ । ତଳଆଡ଼ର ପାଦକୁ ଦେଖିବାପାଇଁ ଇଛାକରି ବି ସୁନୀଲ ଦେଖିପାରିଲା ନାହିଁ । କାରଣ ତା'ଆଗରେ ଥିଲା ଫୁଲରଗଦା । ଆହାଃ ଫୁଲ ଦୋକାନରେ ପୁଣି ଏପରି ସୁନ୍ଦରୀ ? ଶୀଘ୍ର ଫେରିବା ପାଇଁ ଇଛା ନ ଥିଲେ ବି ଅଗତ୍ୟା ବାଧ ହେଲା ସୁନୀଲ ଫୁଲ ଆଣି ଲେଉଟି ଆସିବା ପାଇଁ । ତରୁଣୀଟିର କଥାରେ ସତେକି ମଧୁ ବରଷୁଛି । କେଡ଼େ ପାତଳ କଣ୍ଠର ନିଜରନିଜର ପଣିଆ କଥାଭାଷା, ସ୍ମିତହାସ୍ୟଭରା ସୁନ୍ଦର ମୁହଁଟି । ନାଁ'ଟି ସୁନୀଲ ଜାଣି ନ ପାରି ନିଜେ ନିଜେ ମନ ଦୁଃଖ କଲା । ଦିନସାରା ଉତ୍ସବରେ ବ୍ୟସ୍ତ ରହିଲା ସତ; ହେଲେ ତା'ର ମନ ଆଉ କୋଉଥିରେ ଲାଗିଲାନି । ସବୁବେଳେ ଝିଅଟିର ସ୍ୱର ତା' କାନରେ ପ୍ରତିଧ୍ୱନିତ ହେଲା । ଏମିତି ଝିଅ ସେ ତା' ଜୀବନରେ ବୋଧେ କେବେ ଦେଖି ନଥିଲା । ସେଇଦିନରୁ ପ୍ରାୟତଃ ସୁନୀଲ ଅନ୍ୟମନସ୍କ ରହିଲା ସବୁବେଳେ । ତା'ର ଇଛା ହେଉଥିଲା ସେଇ ଝିଅଟିକୁ ସେ ଖାଲି ଦେଖୁଥାଆନ୍ତା କି ? ତା ମଧୁମୟ କଣ୍ଠରୁ ଦି'ପଦ କଥା ଶୁଣନ୍ତ କି ? ଯଦିଓ ସ୍ୱଭାବରେ ସେ ପ୍ରାୟତଃ ଲାଜକୁଳା ଥିଲା । ଫୁଲ ସିନା ନିର୍ଦ୍ଦିଷ୍ଟ ଦିନରେ ଦରକାର ଥାଏ, ନ ହେଲେ ସେ ବାରମ୍ବାର ଦୋକାନକୁ ଯିବ କିପରି ? କାହିଁ, ସେ' ତ ପ୍ରାୟ ସବୁଦିନ ବଜାର ଆଡ଼େ ଆସୁଛି ହେଲେ ସେଇ ଝିଅଟିକୁ କେବେ ତ ଦେଖୁନି । ସତକୁ ସତ ସେ ଦୁଃଖୀ ହୋଇ ଯାଉଥିଲା । ଘରେ କି ଅଫିସ୍ କାମରେ ତା'ମନ ଆଦୌ ଲାଗୁ ନଥିଲା । ନିଜ ଅଜାଣତରେ ସେ ମାନସିକ ଯନ୍ତ୍ରଣା ପାଉଥିଲା । ଯଦିବା ତା' ଅଙ୍ଗପ୍ରତ୍ୟଙ୍ଗରେ କେଉଁଠି କିଛି ଆଘାତ ନଥିଲା । ସେ କିନ୍ତୁ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ମ୍ରିୟମାଣ ହୋଇଯାଉଥିଲା । ସେଦିନ ସକାଳୁ ବୋଉର ବଡ଼ପାଟି ଶୁଣି ସେ ଉଠିପଡ଼ିଲା । ତେବେ କଥା କ'ଣ ? ବୋଉ କ'ଣ କିଛି ଜାଣିପାରିଲା କି ? କାନ ଡେରିଲା ସୁନୀଲ । ନା ନା ସିଏ ଅନ୍ୟ କେଉଁ କଥାରେ ବୋଉ ପାଟିକରୁଛି । ତେବେ ଯାହା ଶୁଣିଲା ସେ ଏକପ୍ରକାର ଖୁସି ଅନୁଭବ କଲା । କଥା ହେଲା ଯେ, ପଡ଼ିଶାଘରର ଗାଈ ପଶି ତାଙ୍କ ବାଡ଼ିରେ ଥିବା ମନ୍ଦାରଗଛ, ଟଗର ଗଛ, ସେବତୀ ଗଛ ସହ ବାଇଗଣ ଓ ସଜନା ଗଛ ମଧ୍ୟ ଖାଇଦେଇଛି । ଆଉ ବୋଉର ପାଟି ଯେ, ସେ ଫୁଲ କେଉଁଠୁ ଆଣିବ ଯେ ମନ୍ଦିର ନବ, ଆଉ ଘରେ ଗାଦିଗୋସାଇଁ ପାଖରେ ପୂଜା କରିବ; ଚଉଁରାରେ ଦବ ? ଭଉଣୀଟି ବାହା ହୋଇଯାଇଛି । ସାନ ଭାଇଟି ହଷ୍ଟେଲରେ ରହିଛି ଦୂରରେ । ଆଉ ସୁନୀଲ ତ ଅଫିସ୍ ଯିବ । ବାପାଙ୍କ ଦେହ ତ ଭଲ ରହୁନି ଆଜିକାଲି । ସକାଳୁ ଫୁଲ କିଏ ଦବ ଯେ ? ଭୋଅରୁ ବୋଉ ଫୁଲ ତୋଳିଦିଏ । ଗଛ ନାହିଁ ତ, ଫୁଲ ଆଉ କେଉଁଠୁ ଫୁଟିବ ? ବୋଉ ପାଟି କରି ତୁନି ହେଲାବେଳକୁ ଦୀର୍ଘ ସମୟ ଲାଗିଲା । ସୁନୀଲ ମୁଣ୍ଡକୁ ଗୋଟେ ବୁଦ୍ଧି ଜୁଟିଲା ତତ୍‌କ୍ଷଣାତ୍ । ସେ ବୋଉକୁ ବୁଝେଇ କହିଲା ଯେ, ଅଫିସ୍ ଟିକେ ଆଗରୁ ଯାଇ ଫୁଲ କିଣି ବୋଉକୁ ସବୁଦିନେ ଦେଇକରି ପୁଣି ଯିବ । ବଜାର ଏଠିକୁ ଚାରିପାଞ୍ଚ କିଲୋମିଟର ହବ ବୋଧେ । ଏଇଠି ଫୁଲ କିଣି ବୋଉ

ଠାକୁରପୂଜା କରିବ? ବୋଉକୁ କେମିତିକା ଅଖାଡୁଆ ଅଖାଡୁଆ ଲାଗିଲା । ହେଲେ ଏବେ ଆଉ ଉପାୟ କ'ଣ ଯେ ? କେତେ କଷ୍ଟ କରି ବାପା ଫୁଲଗଛ ଲଗାଇଥିଲେ କହି ବୋଉ ଦୀର୍ଘଶ୍ୱାସ ପକାଇଲା ।

ସୁନୀଲ ବଜାରମୁହାଁ ହେଲା । ଏକ ଉତ୍ସାହିତ ଅନୁଭବ ସହ ସେ ଫୁଲଦୋକାନ ପାଖରେ ପହଞ୍ଚିଲା । ସକାଳର ସତେଜ ଫୁଲସବୁ କଥା କୁହାକୁହି ହେଉଥିଲା ଭଳି ଲାଗିଲା ତାକୁ । ହେଲେ ସେଇ ଫୁଲବାଲୀ..... ଯିଏ ସେଇ ନୀଳ ଚେୟାରରେ ବସି ଅଣ୍ଟା ସିଧା ଟେବୁଲ ଉପରେ ଫୁଲଗଦା କରିଥିଲା, ଅଳପ ଅଳପ ହସ ସେଇ ମୁହଁରେ ଈଷତ୍ ଗୋଲାପିମିଶା ଗୋରା ଗାଲରେ ଉଙ୍କି ଉଙ୍କି ଛପି ଛପି ତା'ମୁହଁକୁ ଆହୁରି ସତେଜ କରିଦେଉଥିଲା । କୁଞ୍ଚ କୁଞ୍ଚ ଚୁଟିସବୁ ଭାଲଦେଶକୁ ଓହଳିପଡ଼ି ନିଜର ପତିଆରା ଜାହିର କରୁଥିଲେ । ଆଖିଦୁଇଟିରେ ବିଶ୍ୱାସର ଭରା ଚାହାଣି । ଛୋଟ ସରୁ ନାସାରେ ଧଳା ହୀରାପଥର ଟିକି ଫୁଲଟିଏ ଚିକ୍‌ମିକ୍ କରି ନିଜେ କୃତଜ୍ଞତା ହୋଇଯାଉଥିଲା । ସରୁ ଗୋଲାପୀ ଓଠରେ ହସର ଥିରିଧାରଟିଏ ଓଠ ଉପକୂଳକୁ ବାରମ୍ବାର ଛୁଇଁ ଯାଇ ପୁଣି ଲେଉଟୁଥିଲା । ପାତଳ ଗାଲ ଦୁଇଟିରେ ପଦ୍ମପାଖୁଡ଼ା ପରି ସୌନ୍ଦର୍ଯ୍ୟ ଭରି ରହିଥିଲା । ଝିଅଟି ଲମ୍ବା ବେଣୀଟିକୁ ଛାତି ଉପରେ ପକାଇ ରବର ବ୍ୟାଣ୍ଡଟିଏ ଗୁଡ଼ାଉଥିଲା । ତା' ସରୁ ସରୁ ଆଙ୍ଗୁଳିଗୁଡ଼ିକ ଚମ୍ପାକଢ଼ି ପରି ସୁନ୍ଦର । ଡାହାଣ ମୁଦି ଆଙ୍ଗୁଠିରେ ଟିକି ଗୋଲାପୀ ପଥର ବସା ମୁଦିଟିଏ ଆଙ୍ଗୁଳିରେ ବସିଗଲାଣି । କଳାଘୁମର ବହଳବେଣୀ ଦୁଇକଡ଼ରେ ପଦ୍ମକଢ଼ି ପରି ଶ୍ରୀ ସୌନ୍ଦର୍ଯ୍ୟ ଫୁଟି ଉଠୁଥିଲା । ନୀଳଜରି ଦିଆ ଶାଢ଼ୀ ସାଙ୍ଗକୁ ଅକାଶୀ ବ୍ଲାଉଜ୍ ପରିହିତା ତରୁଣୀଟି ନୀଳପରି ଭଳି ଲାଗିଲା ସୁନୀଲକୁ । ଅଳ୍ପ କିଛି ଫୁଲନେଇ ବାହୁଡ଼ିଲା ସୁନୀଲ ଅନିଚ୍ଛାସତ୍ତ୍ୱେ । ପାଖରେ ଭୋଗ ଦୋକାନ । ବାହା ବଜାରର ସବୁଜିନିଷ ଖୁନ୍ଦାଖୁନ୍ଦି ହୋଇ ଦୋକାନ ଭର୍ତ୍ତି । ସୁନୀଲ୍ ଆଖି ପକେଇ ବୋଉ ପାଇଁ ଭୋଗ ଉଖୁଡ଼ା ପ୍ୟାକେଟ୍‌ଟିଏ ନେଇ ଘରକୁ ଗଲା । ଅଫିସ୍ ବେଳବି ହୋଇଯିବ ଯାଉ ଯାଉ । ଗାଈଛେଳି ଖାଇଥିବା ଗଛରେ ସହଜରେ ଫୁଲ ଫୁଟିଲାନି ଦୀର୍ଘଦିନ ଧରି । ସୁନୀଲ ଫୁଲଦୋକାନରୁ ଫୁଲ ଆଣି ଆଣି ପୁରୁଣା ହେଇଗଲାଣି । ଝିଅଟିର ରୂପ ଲାବଣ୍ୟ, ଚାହାଣିର ନିରୀହତା, କଥା କହିବାର ମଧୁରତାରେ ବିଭୋର ହେଲାଣି ସୁନୀଲ । ଏଣେ ଅଫିସ୍‌ରେ ସୁନୀଲ ପାଇଁ କେତେ ବିଭାଘର ପ୍ରସ୍ତାବ ସାଙ୍ଗମାନେ ନିତିନିତି ଆଲୋଚନା କରୁଛନ୍ତି, ବୋଉ ବି ଆଉ ଏତେ ଦାଉ ଧକ୍କାରେ କାମ ବେଶି କରିପାରୁନି । ସେଦିନ ଭାତ ବାଢ଼ିଲାବେଳେ ବୋଉ କାନ୍ଦି ପକାଇଲା । କହିଲା, ତୋ ବାହାଘର କଥା ତୁ ନିଜେ ହେଲେ ଟିକେ ଠିକ୍ କର! ମୁଁ ଆଉ କେତେଦିନ ବଞ୍ଚିବି ଯେ ? ସୁନୀଲ ମୁଣ୍ଡରେ କଥାଟା ଚକ୍କର ଖାଇଲା । ସତେତ; ଢେର୍ ଦିନ ହେଲା ବୋଉ ଅସୁସ୍ଥ ରହିଲାଣି । ସେଇଥିରେ ସେ ଘୁଷୁରି ଘୁଷୁରି ଘରଯାକର କାମ ପାଇଟି କରୁଛି । ଆଉ ତା'ର ସୁଖ କ'ଣ ଯେ ? ସବୁ କଥା ଭାବି ଭାବି ସୁନୀଲ ଆନମନା ହେଲା । ଅସ୍ୱସ୍ତିକର ବୋଧ କଲା । ତା' ମୁଣ୍ଡରେ ବାହାଘର କଥାଟା ଏକରକମ ସ୍ଥିର ଚିତ୍ର ହୋଇ ରହିଗଲା । କିଛିଦିନ ପରେ ସୁନୀଲ କହିଲା ବୋଉକୁ, ମୁଁ ଠିକ୍ କରି 'ଝିଅ' ବାହାହେଲେ ତୁ କ'ଣ ଖୁସି ହେବୁ? ବୋଉର ନିଷ୍ପ୍ରଭ ଚାହାଣି ଭିତରେ ସେ ଏକ 'ଖୁସି'ର ଝଲକ୍ ଦେଖିଲା । ବୋଉ କହିଲା, 'ତୋ' ଖୁସିରେ ମୋ ଖୁସି । ତୁ'ତ ମୋର 'ଅନ୍ଧର ଲଉଡ଼ି' । ତତେ ଛାଡ଼ି ମୁଁ କିଛି ତ କରିପାରିବିନି । ସାନ ଟୋକାଟା ତୋ' ପରି ନୁହଁରେ । ତୁ ମୋ କଥା ଯେତିକି ଘେନୁଛୁ ସିଏ କ'ଣ ମୋ କଥା ସେତିକି କରୁଛି । ସୁନୀଲ ଏକ ଆଶାର ସୁନେଲି କିରଣରେ ନିଜକୁ ପରଖି ନେଲା । ତା' ଉପରେ ସତରେ ବୋଉର ଭାରି ବିଶ୍ୱାସ । ସେ ନିଜେ ନିଜେ ଆତ୍ମ ସନ୍ତୋଷରେ ଡୁବିଗଲା । ଏକ ଅନାଗତ ମଧୁର ଭବିଷ୍ୟତର ଚଳଚିତ୍ର ତା' ଆଖି ଆଗରେ ଭାସି ଭାସି ନାଚି ନାଚି ଆଖି ଉହାଡ଼ରେ ଲୁଚିଗଲା । ସୁନୀଲ ଏତିକି ଜାଣିଥିଲା, ଫୁଲଦୋକାନୀ ଝିଅଟିର ନାଆଁ 'ସୁରଭି' । ଆହା କି ସୁନ୍ଦର ନାଆଁଟି ଝିଅଟିର । ତା'ର ଗୁଣ, ରୂପ, କଥା, ଚାଲିଚଳନର ସୁରଭି ଏଇ ବଜାର ସାରା ଖେଳିଯାଇ ଲମ୍ବିଯାଇଛି ଗାଆଁ ଗଣ୍ଡା ଯାଏ । କେଡ଼େ ସୁନ୍ଦର ଝିଅଟିଏ । ତା'ରି ଭଳି ନରମ, ସରଳ, ମିଶିଲା ମିଶିଲା ରୂପ, ରଙ୍ଗ, ଚାହାଣି କଥାବାର୍ତ୍ତା, ହାବଭାବସବୁ ନିତି ଦଶଟା ପୂର୍ବରୁ ନ ଦେଖି ଫୁଲ ଦିଇଟା ତା' ହାତରୁ ନ ଆଣିଲେ ଠାକୁର ତ' ପୂଜା ପାଇବେନି, ସେ ବି ଦି'ଟା ସୁସ୍ଥରେ ଖାଇ ଅଫିସ୍ ଯାଇପାରିବନି । ସେ ଝିଅଟିର ଚେହେରାରେ ଭାବନାରେ ସେ ହଜିଯାଏ, ମଜ୍ଜିଯାଏ....। ଆଉ ମାସକୁ ବାହାତିଥି ଅଛି । ସାଙ୍ଗମାନେ

ଥଟ୍ଟାତାମସାରେ କେତେ କେତେ ପ୍ରସ୍ତାବ ବାଢ଼ି ଥୋଉଛନ୍ତି । ହେଲେ ସୁନୀଲ.... ଲାଜକୁଳା ସ୍ୱଭାବର, ସେ କାହାରିକୁ ଏଇ ଝିଅଟିର କଥା କହିପାରୁନି କି ଭରସି ମଧ୍ୟ ପଚାରିପାରୁନି । ଝିଅଟିର ବାପାଙ୍କୁ ଥରେ ଅଧେ ଦେଖେ । ସେ କିପରି ଉଦାସ ଉଦାସ ଲାଗନ୍ତି । ଅତ୍ୟନ୍ତ ସରଳ, ପରିମାର୍ଜିତ । ସତେଯେମିତି କିଛି ଗୋଟାଏ ବଡ଼ ଦୁଃଖକୁ ପେଟରେ ପୂରାଇ ଶରୀରରେ ଅନିଚ୍ଛାସତ୍ତ୍ୱେ ହଜମ କରିବାକୁ ଚେଷ୍ଟା କରୁଥାନ୍ତି । କ'ଣ ତା'ହେଲେ ତାଙ୍କର ଦୁଃଖ । ଭଲ ତ ବେପାର ହେଉଛି ଏଇ ଫୁଲ ବ୍ୟବସାୟରେ, ଘରେ ତ ମାଆ ଛଡ଼ା ଆଉ କେହି ବେଶି ପରିବାର ବି ନାହାନ୍ତି । କିନ୍ତୁ ଏଇ ବୟସ୍କ ଲୋକ ଜଣଙ୍କୁ ଭରସି କିଛି ପଚାରି ପାରେନାହିଁ ସୁନୀଲ୍ । କାଳେ କ'ଣ ଭାବିବେ ? ଥରେ ଜଣେ ଲୋକ ଝିଅଟିର ବାହାଘର ବିଷୟରେ ସେଇ ଭଦ୍ରଲୋକଙ୍କୁ କିଛି କହିବାର ସୁନୀଲ କାନରେ ପଡ଼ିଥିଲା । ସେଇ ଝିଅଟିର ବାପାବୋଧେ ହେବେ 'କହିଲେ ଅତ୍ୟନ୍ତ ଦୁଃଖର ସହିତ' । ହଁ କିଏ ଏମିତି ବାହା ହବ ୟା'କୁ ? ଏତିକି ସୁନୀଲ ଶୁଣିଥିଲା । ବୋଧେ ଯୌତୁକ ଦେଇପାରିବେନି ବୋଲି ଏମିତି କହିଥାଇପାରନ୍ତି । ସୁନୀଲ୍ ନିଜକୁ ସଂଯତ କଲଶ, ଦୃଢ଼ କଲା । ଆପେ ନିଜ ଲାଜକୁ ଦୂରକୁ ଫିଙ୍ଗିଲା । ସେ ସେଇ 'ସୁରଭି'କୁ ହିଁ ବାହା ହେବ । ବୋଉର ତ ରାଜି ତା' ପସନ୍ଦର ଝିଅକୁ । ବାପା ତ ବୋଉ କଥାରେ ଆଦୌ ଅସମ୍ମତି ହେବେନାହିଁ । ବାପା ବି ତ ଭଲକରି ଚାଲିପାରୁନାହାଁନ୍ତି । ତା' ବାହାଘରକଥା ସେ ନିଜେ ଯୋଗାଡ଼ କରିବ । ଆସନ୍ତା ତିଥିକୁ ସେ ନିଜ ପାଇଁ ପ୍ରସ୍ତୁତ କଲା । ଝିଅଟିକୁ ଶଙ୍ଖା, ସିନ୍ଦୂର ଦେଇ ଘରକୁ ନେଇଯିବ । ବାପା ବୋଉ ଦେଖୁ ଦେଖୁ ଖୁସି ହୋଇଯିବେ । ତା'ପରେ ଅଳ୍ପରେ ଭୋଜିଭାତ ଦେଇ ସମସ୍ତଙ୍କୁ ସନ୍ତୁଷ୍ଟ କରିଦବ । ମନେ ମନେ ଏକରକମ ଆତ୍ମବିଶ୍ୱାସରେ ନିଜକୁ ବୁଡ଼ାଇଦେଲା ।

ୟା' ଭିତରେ ନିର୍ଦ୍ଦିଷ୍ଟ ତିଥିଟା ପହଞ୍ଚି ଗଲା । ସେଦିନ ଝିଅଟିକୁ ସେ ଏକ ଆଶ୍ଚର୍ଯ୍ୟ କରିଦବ ବୋଲି କହିଦେଇଥିଲା ଆଗରୁ । ଝିଅଟି ବାହାଘର କଥା କିଛି ଭାବିବା ପୂର୍ବରୁ 'ସୁନୀଲ' ଭୋଗ ଦୋକାନରୁ ଶାଢ଼ୀ, ଶଙ୍ଖା, ସିନ୍ଦୂର ନେଇ ହଠାତ୍ ଝିଅଟି ମୁଣ୍ଡରେ ସିନ୍ଦୂର ଲଗାଇଦେଇ ଚଟାପଟ ଚୁଡ଼ି ଦି'ପଟ ତା' ହାତରେ ଗଳାଇଦେଇ ମୁଣ୍ଡ ଉପରେ ଲାଲ୍ ଚିକମିକିଆ ଶାଢ଼ୀଟାକୁ ପକାଇଦେଲା । ଯୋଗକୁ ଦୋକାନରେ କହି ନଥିଲେ । ଝିଅଟିର ଓଠ ଥରିଉଠିଲା । ଆଖିରେ ଦି'ବୁନ୍ଦା ଲୁହ ଟଳମଳ ହୋଇ ତାକୁ ଅନ୍ଧାର ଦିଶିଲା । ସୁନୀଲର ହସ ହସ ମୁହଁକୁ ସେ ଚାହିଁ ରହିଥିଲା ନୀରୀହ ମାଛଟିଏ ଜାଲରେ ପଡ଼ି ଶୁଖିଲାରେ ଛଟପଟ ହେଲା ପରି । ଏତିକି ବେଳେ ଭଦ୍ରଲୋକ ଜଣକ ଆସି ପହଞ୍ଚି ଯାଇ ଯାହା ଦେଖିଲେ ସେଥିରେ ସେ ମ୍ରିୟମାଣ ହୋଇଗଲେ । ନିଜେ ମଥାର ଚୁଟିକୁ ଧରି ଭୋ' ଭୋ' କାନ୍ଦି ପକାଇଲେ । ତା'ପରେ ନିଜକୁ ସମ୍ଭାଳି କହିଲେ 'ଦେଖ ଟିକେ'? କହି ଫୁଲ ଟେବୁଲଟିକୁ ଘୁଞ୍ଚାଇଦେଇ ଝିଅଟିର ଦୁଇ ଆଣ୍ଠୁରୁ ଲୁଗା ଟେକି ଦେଖାଇଦେଲେ । ଦୁଇ ଆଣଣ୍ଠୁ ତଳକୁ ଗୋଡ଼ ପେଣ୍ଠା ନ ଥିଲା... ହାୟ... ଏ କ'ଣ ହେଲା ? ତା' ସ୍ୱପ୍ନ ? ସୁନ୍ଦରୀ ତନୁପାତଳୀ ବୋହୂଟିର ଶାଶୂ ଶଶୁରଙ୍କ ସେବା... ଘରର ଯାବତୀୟ କାମ ସୁନୀଲ ମୁଣ୍ଡ ଘୂରିଗଲା । ତା'ସ୍ୱପ୍ନର କୋଣାର୍କରୁ ଦଧିନଉତି ଖସିପଡ଼ିଲା । ତା' ଆଶାର ପ୍ରାସାଦରୁ ଖସିପଡ଼ିଲା ଖଣ୍ଡ ଖଣ୍ଡ ଇଟାମାଟି, ପାଦ ତଳୁର ମାଟି ଦବି ଦବି ଗଲା । ଓଠରୁ ବାକ୍ୟ ସ୍ଫୁରିଲା ନାହିଁ । ଆଖିର ଦୃଷ୍ଟି ଫେରିଲା ନାହିଁ । ଫୁଲମାଳଟିଏ ଭିଡ଼ି ଆଣିଥିଲା ଦୋକାନ ବାଣୀରୁ । ମାତ୍ର ମାଳାଟା ଅଧା ତା' ହାତରେ, ଆଉ ଅଧା ଲାଖିଛି ଉପରେ । ସେ ସ୍ଥିର ଅବିଚଳିତ ଅଚଳ ମେରୁଟିଏ । ତାକୁ ଚିମୁଟିଲେ ବି କାଟିବନି । ସୁରଭିର ଆଖିରୁ ଲୁହର ଧାରା ବହି କୋଳରେ ପଡ଼ିଛି ଥପ୍ ଧପ୍ ହୋଇ । ଭଦ୍ରଲୋକଙ୍କର ଅସହାୟ ଅବସ୍ଥା । ସୁନୀଲ ସ୍ୱଗତୋକ୍ତି କଲା, ହେ ଭଗବାନ! ତୁମ ସୃଷ୍ଟିରେ ଏପରି ବିଚିତ୍ର ଲୀଳା ରଖିଛ ? କ'ଣ ପାଇଁ ଏ ଝିଅଟିକୁ ଏପରି ଦଣ୍ଡ ଦେଇଛ ? କ'ଣ ସେ ଦୋଷ କରିଥିଲା ତୁମ ପାଖରେ ? ଏତେ ନିଷ୍ଠୁର ଦଣ୍ଡ ତୁମେ ଦେଇପାରିଲ ପ୍ରଭୁ ? ମଣିଷକୁ ତୁମେ ସବୁକିଛି ଦେଇ ଏତେ ପୁଣି ଅସହାୟ କରି, ଜଳେଇ ଜଳେଇ ମାରିପାର ? ସେ ଚିନ୍ତା କଲା ଦୀପାଳିଟିଏର ମାହାତ୍ମ୍ୟ । ନିଜେ ଜଳି ଜଳି ସମସ୍ତଙ୍କୁ ଆଲୋକ ଦେବ କିନ୍ତୁ ନିଜେ ଜଳିଯିବ ସଳିତାଟିଏ ପରି । 'ସୁରଭି' ଏମିତି ଫୁଲର ସୁରଭି ବାଣ୍ଟି ବାଣ୍ଟି ଦିନେ ଶୁଖି ଶୁଖି ଝଡ଼ିପଡ଼ିବ ଏଇ ଦୁନିଆ ଦାଣ୍ଡରେ, କିଏ ମନେରଖିବ ଏଇ ଫୁଲ ବିକାଳି ଝିଅର ଏଇ ଆତ୍ମ ଦହନକୁ । ସୁନୀଲ ଭାବିଲା, କ'ଣ ସେ ଭେଟିଦେବ ନେଇ ବାପାବୋଉଙ୍କୁ.... ଏଇ ଅଥର୍ବ ଝିଅର ଚିଆରରେ ବସା ମଧୁର ମୂରତିକୁ? ତା' ଆଖି ଆଗରେ ଭାସିଉଠିଲା ବାପାଙ୍କ ରୋଗାଗ୍ରସ୍ତ ଚେହେରା.... ଆଉ ବୋଉର ବିଶ୍ୱାସଭରା ଦୁଇ ଆଖିର ସଜଳ ଚାହାଣି.....ତା' ହୃଦୟ ଗହ୍ୱରରୁ ଶୁଭିଲା ନିଜକୁ.... ନା... ନା.... ନା । ଫୁଲ ହାରଟି ଛିଡ଼ିଗଲା... ସୁନୀଲ ଗଛ କାଟିଲାପରି ପଡ଼ିଗଲା ତଳେ..... ।

ବଡ଼ଚଣା, ଯାଜପୁର

୦୦୦୦

# ଭଗବାନ୍ ଭଲ ପାଆନ୍ତି ସେମାନଙ୍କୁ

ଚୈତନ୍ୟ ପ୍ରସାଦ ପଡ଼ିଆରୀ

ମାଳବ ଦେଶରେ ଶତ୍ରୁଜିତ୍ ନାମରେ ଜଣେ ଖିଆଲି ରାଜା ରାଜ୍ୟ ଶାସନ କରୁଥାନ୍ତି । ତାଙ୍କର ଯେତେବେଳେ ଯେଉଁ ଖିଆଲ ମୁଣ୍ଡରେ ପ୍ରବେଶ କରେ ତାହାକୁ ରାଜ୍ୟରେ ପାଳନ କରିବା ପାଇଁ ସଙ୍ଗେ ସଙ୍ଗେ ଘୋଷଣା କରାଯାଏ । ଯିଏ ରାଜାଙ୍କ ଆଦେଶ ଅମାନ୍ୟ କରେ ତାକୁ ଶୂଳୀ ଦଣ୍ଡ ମିଳିଥାଏ । ଦିନେ ରାଜାଙ୍କର ଗୋଟିଏ ଅଦ୍ଭୂତ ଖିଆଲ ପାଶିଲା । ସନ୍ଧ୍ୟା ପରେ ରାଜ୍ୟରେ କେହି ଆଲୋକ ଜାଳିବେ ନାହିଁ । ଏପରିକି ମହମବତୀ ଠାରୁ ଡିବିରି, କି ଲଣ୍ଠନ ମଧ୍ୟ ଜଳିବ ନାହିଁ । ଏକଥା ରାଜ୍ୟରେ ଘୋଷଣା କରିଦିଆଗଲା । ରାଜ୍ୟବାସୀଙ୍କର ଦୁଃଖର ସୀମା କହିଲେ ନ ସରେ । ରାଜାଙ୍କୁ ଉତ୍ତର କି ସ୍ୱର୍ଗକୁ ନିଶୁଣି ନାହିଁ ଅବସ୍ଥାରେ ରାଜ୍ୟବାସୀ ରାଜାଙ୍କ ଆଦେଶକୁ ମାନିନେଲେ ।

ସେହି ରାଜ୍ୟରେ ଗୁରୁଦତ୍ତ ନାମରେ ଜଣେ କବି ଥିଲେ । ମଣିଷର ଚରିତ୍ର ଗଠନ, ଗୁରୁଜନମାନଙ୍କ ପ୍ରତି ଭକ୍ତି, ଜୀବ ପ୍ରତି ଦୟା, କ୍ଷମା, କରୁଣା ସହିତ ବ୍ରହ୍ମଚର୍ଯ୍ୟ ଜୀବନଯାପନ, ସୁସ୍ଥ ସମାଜ ଗଠନ କରିବା ଅନ୍ୟାୟ ଅଧର୍ମ ବିରୋଧରେ ଲଢ଼ିବା ଭଳି ବିଷୟରେ ସୁନ୍ଦର କବିତାମାନ ଲେଖୁଥିଲେ । ଯେଉଁ କବିତା ସାମାଜିକ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିପାରୁଥିଲା । କିନ୍ତୁ କବିଙ୍କର ଗୋଟିଏ ବଦ ଅଭ୍ୟାସ ଥିଲା ଯେ, ସେ ଯେଉଁ କବିତା ଗୁଡ଼ିକ ଲେଖି ବସନ୍ତି ତାହା କେବଳ ନିର୍ଜନ ରାତ୍ରି ସମୟରେ ଲେଖନ୍ତି । ରାତ୍ରିର ଶାନ୍ତ କୋମଳ ପରିବେଶ କବିଙ୍କୁ ବିଶେଷକରି କବିତା ଲେଖିବାରେ ଭାବାନ୍ତର ସୃଷ୍ଟି କରିଥାଏ । ନିଜ କୁଟୀରରେ ମହମବତୀଟିଏ ପ୍ରଜ୍ୱଳିତ କରି କବିତା ଲେଖିବସନ୍ତି । ଏହା ତାଙ୍କର ନିତିଦିନିଆ ଅଭ୍ୟାସ ସହିତ ତାଙ୍କର କର୍ତ୍ତବ୍ୟ ବୋଲି ଧରିନେଇଥାନ୍ତି । କବି କହନ୍ତି, ମଣିଷ ଜନ୍ମ ନେଇଛି ଭଲ କର୍ମଟିଏ କରିବା ପାଇଁ । ସେ କର୍ମ ନ କଲେ ଓ କର୍ତ୍ତବ୍ୟ ଠିକ୍ ଭାବରେ ନ କଲେ ତା'ର ଜନ୍ମ ସାର୍ଥକ ହେବ ନାହିଁ । ଅଜ୍ଞାନ ଅନ୍ଧକାର ଭିତରକୁ ଆଲୋକର ଶିଖା ପ୍ରବେଶ କରାଇ ଓ ଦିବ୍ୟଦୃଷ୍ଟିସମ୍ପନ୍ନ ହେବା ପାଇଁ ମଣିଷ ଜନ୍ମ ନେଇଛି । ନିଜର କର୍ତ୍ତବ୍ୟ ପାଇଁ ପ୍ରତ୍ୟେକ ମଣିଷ ସଚେତନ ରହିବା ଅନ୍ୟକୁ ସମାଲୋଚନା ନ କରି ନିଜକୁ ସଜାଡ଼ିବାକୁ କବି ସର୍ବଦା ପରାମର୍ଶ ଦେଇଥାନ୍ତି । ଯେତେ ବାଧାବିଘ୍ନ, ଦୁଃଖକଷ୍ଟ ଯନ୍ତ୍ରଣା ଆସିଲେ ମଧ୍ୟ ନିଜର କର୍ତ୍ତବ୍ୟ ନିକଟରେ ସବୁ ହାର ମାନିବ ବୋଲି ତୁମେମାନେ ବିଶ୍ୱାସ ରଖ । କବିଙ୍କର କବିତାଗୁଡ଼ିକ ମାନବ ଜାତିକୁ ଦିଗ୍‌ଦର୍ଶନର ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ ସଦୃଶ ଥିଲା । କବି ଅମୃତର ପୁତ୍ର ବୋଲି ସେ ସଦାସର୍ବଦା କହୁଥିଲେ । ଭଗବାନ୍ କେହି ନାହାନ୍ତି । ନିଜର କର୍ମ ନିଷ୍ଠାପର କର୍ତ୍ତବ୍ୟ ହିଁ କେବଳ ଭଗବାନ୍ ବୋଲି ବିଶ୍ୱାସ କରିବା ଉଚିତ୍ । ରାଜ୍ୟ ସାରା ନିର୍ଜନ । ଘୋର ଅନ୍ଧକାର । କାହାରି ଘରେ ଡିବିରି ବତୀଟିଏ ବି ଜଳିବାକୁ ନାହିଁ । କବି ଭାରି ବ୍ୟସ୍ତ ହୋଇପଡ଼ିଲେ । କବିତା ଲେଖିବାର ଭାବାନ୍ତର ସୃଷ୍ଟି ହେଲା । ଶୂଳୀ ଦଣ୍ଡକୁ ବରଣ କରି କବି ତାଙ୍କ କୋଠରିରେ ମହମବତୀଟିଏ ଜଳାଇ କବିତା ଲେଖିବା ଆରମ୍ଭ କଲେ ।

କବିତାଟି ଅଧା ଲେଖା ଚାଲିଛି । କେହି ଜଣେ କବାଟରେ ଆଘାତ କଲେ । ପ୍ରଥମେ କବି ଡରି ଗଲେ, ନିଶ୍ଚୟ କେହି ଜଣେ ରାଜାଙ୍କର ଡଗର ବୋଲି ଭାବି ନେଇ ଧୀରେ ଧୀରେ କବାଟ ଖୋଲିଲେ । କବି ଦେଖିଲେ ତାଙ୍କ ସମ୍ମୁଖରେ ସୁନ୍ଦର ସୁଠାମ ଯୁବକ ଜଣେ ଠିଆ ହୋଇଛନ୍ତି । ଯୁବକ ଜଣକ କବିଙ୍କୁ ଦେଖି ପ୍ରଶ୍ନ କଲେ, ଆପଣ କ'ଣ ରାଜାଙ୍କ ଆଦେଶ ଜାଣିନାହାନ୍ତି । ସେ ଛୋଟ ହଁ ଟିଏ ମାରିଲେ । ଯୁବକ ପୁଣି ପ୍ରଶ୍ନ କଲେ, ଆପଣ ରାଜା ଆଜ୍ଞା ଅବମାନନା କରିଥିବାରୁ ଏହାର ପରିଣାମ କ'ଣ ହେବ ଟିକିଏ ଭାବିଛନ୍ତି ? କବି ନିରବ ରହିଲେ । ଯୁବକ ଜଣକ କହିଲେ କବି ତୁ ଡରିଯାଆ ନାହିଁ । ମୁଁ ସ୍ୱର୍ଗରୁ ଆସିଛି । ମୁଁ ଦେବଦୂତ । ମୋତେ ଭଗବାନ ପଠାଇଛନ୍ତି – ଯେଉଁମାନେ ଭଗବାନଙ୍କୁ ଭଲପାଆନ୍ତି ତ'ାର ଗୋଟିଏ ତାଲିକା ନେବାପାଇଁ । କବି ଅଳ୍ପ ହସି ଉତ୍ତରଦେଲେ ହେ

ଦେବଦୂତ । ଆପଣ ଏଠାରୁ ଫେରିଯାଆନ୍ତୁ । ମୁଁ କେବେ ଭଗବାନଙ୍କୁ ଭଲପାଇ ନାହିଁ - ପାଇବି ନାହିଁ । କବି ତାଙ୍କର ଅସମ୍ପୂର୍ଣ୍ଣ କବିତା ସମ୍ପୂର୍ଣ୍ଣ କିରିବାରେ ଲାଗିଲେ ।

ପୁଣି କିଛିଦିନ ପରେ ଦିନେ ନିଶବ୍ଦ ରାତିରେ କବି ମହମବତୀଟିଏ ଜଳାଇ କବିତା ଲେଖୁଥାନ୍ତି । ଏହି ସମୟରେ କବାଟରେ ଠକ୍ ଠକ୍ ଆବାଜ୍ ଶୁଣି କବାଟ୍ ଖୋଲି ଦେଖିଲେ ପୂର୍ବର ସେହି ଦେବଦୂତ ଠିଆହୋଇଛନ୍ତି ଓ ହାତରେ ଖଣ୍ଡିଏ କାଗଜ ଧରିଥାନ୍ତି । ତାଙ୍କୁ ଦେଖି କବି କହିଲେ ଆପଣ ପୁଣି କାହିଁକି ଆସିଛନ୍ତି ? ମୁଁ ପରା କହିଛି, ମୁଁ ଭଗବାନଙ୍କୁ ଭଲପାଏ ନାହିଁ । ଅଳ୍ପ ହସି ଦେବଦୂତ କହିଲେ ହେ କବି ! ମୁଁ ଆଜି ଭଗବାନଙ୍କ ଠାରୁ ତାଲିକା ଆଣିଛି । ତାହା ହେଲା ଭଗବାନ କାହାକୁ ବେଶି ଭଲ ପାଆନ୍ତି ? ତା'ର ଗୋଟିଏ ତାଲିକା ସେ ନିଜେ ଦେଇଛନ୍ତି । ଏହାଶୁଣି କବି କହିଲେ, ତାହା ଠିକ୍ ଯେ, ହେଲେ ମୁଁ ତ ଭଗବାନଙ୍କୁ ଭଲ ପାଏ ନାହିଁ । ଯିଏ ତାଙ୍କୁ ଭଲପାଏ ସେ ସେମାନଙ୍କୁ ହିଁ ଭଲପାଇବେ । ଆପଣ ସେହିମାନଙ୍କ ପାଖରେ ତାଲିକା ଦେଖାନ୍ତୁ । ଦୟାକରି ମୋର ସମୟ ନଷ୍ଟ କରନ୍ତୁ ନାହିଁ । ଦେବଦୂତ କବିଙ୍କୁ ଅନୁରୋଧ କରି କହିଲେ, ଆପଣ ଭଗବାନଙ୍କୁ ଭଲ ନ ପାଆନ୍ତୁ ପଛେ ତାଲିକାଟି ତାଙ୍କ ନିକଟରୁ ଆସିଛି ଯେତେବେଳେ ଟିକିଏ ଶୁଣନ୍ତୁ । କବି ରାଜି ହେବାରୁ ଦେବଦୂତ ତାଲିକା ଖୋଲି ନାମଗୁଡ଼ିକ ପଢ଼ିବାକୁ ଲାଗିଲେ । ଆଶ୍ଚର୍ଯ୍ୟ କଥା ତାଲିକାରେ ପ୍ରଥମରେ କବିଙ୍କ ନାମ ସ୍ଥାନ ପାଇଛି । ଏହାଦେଖି କବି ଆଶ୍ଚର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଦେବଦୂତଙ୍କ ପଚାରିଲେ ଏହା କିପରି ? ଦେବଦୂତ ସ୍ମିତ ହସି ବୁଝାଇଦେଲେ, ଯେଉଁମାନେ ଘାତ ପ୍ରତିଘାତ ବିପଦଆପଦକୁ ସର୍ବୋପରି ନିଜର ଜୀବନକୁ ବିପଦାପନ୍ନ କରି ମୃତ୍ୟୁକୁ ଓ ଭୟକୁ ଖାତିର ନ କରି ନିଜର କର୍ତ୍ତବ୍ୟ ଓ କର୍ମରେ ଆଗେଇଯାଏ କର୍ତ୍ତବ୍ୟ ସମ୍ପାଦନ କରି କରି ଚାଲିଥାଏ ସେହିମାନଙ୍କୁ ଭଗବାନ ଭଲପାଆନ୍ତି । ଯେମିତି ଆପଣ ? ? ? କବି ଅମୃତର ସନ୍ତାନ ସେ ସମଗ୍ର ସୃଷ୍ଟିରେ ଅମୃତ ବର୍ଷା କରେ । ଭଗବାନଙ୍କ ସୃଷ୍ଟିକୁ ସରସ ସୁନ୍ଦର କରିପାରୁଥିବାରୁ ଭଗବାନ୍ ତାଙ୍କୁ ଅଧିକ ଭଲପାଆନ୍ତି ଏହା କହି ଦେବଦୂତ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ଅଡାଳପଙ୍କ, ବନ୍ତ, ଭଦ୍ରକ

୦୦୦

Regd. No. : 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

NILADRI VIHAR, NAYA BAZAR, CUTTACK-753004, ODISHA
E-mail : voiceforvoiceless2013@gmail.com
whatsapp : +91 88957 07011 / Website : www.pracheevoice.in

Follow us :

# ସମସ୍ତଙ୍କର ପେଟ ପୁରୁଛି, କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ